ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ନଭେମ୍ବର ୨୩ / ୨୦୧୯ Rayagada, Saturday, November 23/ 2019

# ସରୁବି ଆଦିବାସୀ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ ଗୃହ ନିର୍ମାଣ

## ୩ ବର୍ଷ ବିତିଲାଣି

ପାରଳାଖେମୁଣ୍ଡି,୨୨।୧୧ (ସ୍ୱ.ପ୍ର.)


ନିର୍ମାଣାଧୀନ ଯୁକ୍ତଦୁଇ ବିଜ୍ଞାନ ଉଚ୍ଚବିଦ୍ୟାଳୟ କୋଠା ।

ଆଦିବାସୀ ବହୁଳ ଗଜପତି ଜିଲାରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି। ହେଲେ ତାହା ଅଧାରେ ଅଟକି ଯାଇଥିବା ପରିଲକ୍ଷିତ ହୋଇଛି। ଜିଲାର ଆର୍. ଉଦୟଗିରି ବ୍ଲକ୍ ଅଧୀନ ରାମଗିରି ଥାଟ ରାଜକଲୋନୀ ଠାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମନ୍ତେ ଯୁକ୍ତଦୁଇ ବିଜ୍ଞାନ ଉଚ୍ଚବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଚାଲିଛି। ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁରୀରେ ଏହି କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଶେଷ ହେଉନାହିଁ। ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ମଞ୍ଜୁରୀପ୍ରାପ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ କଲେଜ ନିର୍ମାଣ କାର୍ଯ୍ୟ ବୁଝୁଥିବାବେଳେ ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ମଧ୍ୟ ଦିଆଯାଇଛି। ୨୦୧୬-୧୭ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏହାର ଅବଧି ୧ବର୍ଷ ରହିଥିଲା । ହେଲେ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯଦ୍ୱାରା ଅଞ୍ଚଳର ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ନିମ୍ନମାନର କାମକୁ ନେଇ ଅଞ୍ଚଳରେ ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରାଯିବା ନେଇ ବିଭାଗୀୟ ଯନ୍ତ୍ରୀ କହୁଥିବା ବେଳେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହେଉନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

# ଅବକାରୀ ବିଭାଗ ଚଢ଼ାଉ : ଗଞ୍ଜେଇ ଗଛ ପୋଡାଗଲା

ଆର.ଉଦୟଗିରି,୨୨।୧୧(ଡି.ଏନ୍.ଏ.)

ଗଜପତି ଜିଲା ଆର୍.ଉଦୟଗିରି ଥାନା ନୂଆଗଡ ବ୍ଲକ ଅନୁଗୁରୁ ପଞ୍ଚାୟତର ପିଡିକାପଦର ଗ୍ରାମ ପାହାଡ ଉପରେ ଲାଗିଥିବା ଗଞ୍ଜେଇ ଗଛକୁ ଗୁରୁବାର ପୋଲିସ ଓ ଅବକାରୀ ବିଭାଗ ଚଢାଉ କରି ପୋଡି ନଷ୍ଟ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୭ କୋଟି ୨୦ଲକ୍ଷ ଟଙ୍କା ହେବ। ଜିଲାପାଳ ଅନୁପ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଟେଣ୍ଡ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ପାହାଡ ଉପରେ ପ୍ରାୟ ୮୬ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି ବୋଲି ଅବକାରୀ ଆଇଆଇସି ଜି. ସୁରିବାବୁ କହିଛନ୍ତି। ଏହି ଚଢାଉରେ ଆର.ଉଦୟଗିରି ତହଲସିଦାର ସ୍ମୃତିରଞ୍ଜନ ଶତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଆଇଆଇସି ମମତା ନାୟକ, ପାରଳାଖେମୁଣ୍ଡି ଅବକାରୀ ଇନ୍ସପେକ୍ଟର ପଦ୍ମଚରଣ ସାହୁ, ସୁବାସ ମହାନ୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ।




## ସରୁବି ରାସ୍ତାକାମ, ଖାଲଖମାରେ ଭର୍ତ୍ତି ମୁଖ୍ୟରାସ୍ତା



ପାରଳାଖେମୁଣ୍ଡି,୨୨।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ସହରର ମୁଖ୍ୟ ରାସ୍ତା ଖାଲଖମା ଭର୍ତ୍ତି ହୋଇଛି। ସହରର ଫରେଷ୍ଟ ଗେଟ୍‌ଠାରୁ ଗୁମ୍ମା ନାଳ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ଥିର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଫରେଷ୍ଟ ଗେଟ୍ ଠାରୁ ପୋଲିସ ଷ୍ଟେଶନ ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲେ ମଧ୍ୟ ଏହା ଅଧାପନ୍ତରିଆ ପଡ଼ିଛି। ଫଳରେ ବିଭିନ୍ନ ସ୍ଥାନରେ ବାଲି, ଚିପ୍ସ ଆଦି ଗଦା ହୋଇଛି। ସେହିପରି ଅନେକ ସ୍ଥାନରେ ରାସ୍ତା ଖୋଳି ଛାଡ଼ିଦିଆଯାଇଛି। ଏହି ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଥାଏ। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର୍ ରହିଛି। ଏତଦ୍ ବ୍ୟତୀତ ମୁଖ୍ୟ ରାସ୍ତାର ପରିବହନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ଅସୁବିଧା ହେଉଛି। ତେଣୁ ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏସ୍‌ପିଙ୍କ ଦ୍ୱିତୀୟ ପର୍ଯ୍ୟାୟ ଫିଟ୍‌ନେସ ମନ୍ତ୍ର

ପାରଳାଖେମୁଣ୍ଡି,୨୨।୧୧ (ସ୍ୱ.ପ୍ର.)



ଏସପି ବ୍ୟାୟାମ ପ୍ରଶିକ୍ଷଣ ଦେଉଛନ୍ତି । ଶିବିରରେ ଜନସାଧାରଣ ଯୋଗାଭ୍ୟାସ କରୁଛନ୍ତି ।

## ମିଶନ୍ ଫିଟ୍‌ନେସ୍

ସରକାରୀ ଅଧିକାରୀ, ପୋଲିସ ଅଧିକାରୀ, କର୍ମଚାରୀଙ୍କ ସମେତ ସାଧାରଣ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସୁସ୍ଥତା ପାଇଁ ଗଜପତି ପୋଲିସ ପକ୍ଷରୁ ଅନୁଷ୍ଠିତ ହୋଇଛି ଫିଟ୍‌ନେସ୍ ଶିବିର। ଏସ୍‌ପି ସାରା ଶର୍ମାଙ୍କ ପ୍ରଚେଷ୍ଟାରେ ଏହି ମିଶନ୍ ଫିଟ୍‌ନେସ୍ ଆରମ୍ଭ ହୋଇଛି। ଗତ ୧୯ ତାରିଖରେ ଏସ୍‌ପି ନିଜେ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଗୀତର ତାଳେ ତାଳେ ଜୁମ୍ବା-ଏରୋବିକ୍ସ ତାଲିମ ଦେଇଥିବାବେଳେ ଶୁକ୍ରବାର ପୁଣି ଜନସାଧାରଣଙ୍କ ପାଇଁ ଏକ ଫିଟ୍‌ନେସ୍ ଶିବିରର ଆୟୋଜନ କରିଥିଲେ। ଏଥିରେ ଲୋକଙ୍କୁ ବିଭିନ୍ନ ବ୍ୟାୟାମ ଶିଖାଇବା ସହ ଏବେକାର ପ୍ରଦୂଷିତ ପରିବେଶରେ ରୋଗର ମୁକାବିଲା କରିବା ପାଇଁ ଏହା ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଶିବିରରେ ମୁଖ୍ୟତଃ ଶରୀରରୁ ଚର୍ବି କମାଇବାପାଇଁ ବିଭିନ୍ନ ବ୍ୟାୟାମ ଶିଖାଇଥିଲେ। ଦୀର୍ଘ ୨ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଶତାଧିକ ଜନସାଧାରଣଙ୍କ ସମେତ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ପୋଲିସ ପକ୍ଷରୁ ଆଗକୁ ମଧ୍ୟ ଏଭଳି ଫିଟ୍‌ନେସ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା କ୍ରିଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ, ଡିଏସ୍‌ପି ସୀତାରାମ ଶତପଥି, ପାରଳାଖେମୁଣ୍ଡି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।

■ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

# କେନ୍ଦ୍ର ସରକାରଙ୍କ ନୀତି ଆର୍ଥିକ ସଙ୍କଟ ମଧ୍ୟକୁ ଟାଣିନେଉଛି

ପାରଳାଖେମୁଣ୍ଡି,୨୨।୧୧ (ସ୍ୱ.ପ୍ର.) –


କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଏକ ଜନମଙ୍ଗଳକାରୀ ରାଷ୍ଟ୍ର ଗଠନପାଇଁ ରାଷ୍ଟ୍ରର ଅର୍ଥନୈତିକ ସ୍ଥିତି ଉତ୍ତମ ରହିବା ଆବଶ୍ୟକ। ମାତ୍ର ଗତ କିଛି ବର୍ଷ ହେଲା କେନ୍ଦ୍ରରେ ଏନ୍‌ଡିଏ ସରକାର ଯେଉଁ ଭଳି ନୀତି ପ୍ରଣୟନ କରୁଛନ୍ତି ତାହା ଦେଶକୁ ଆର୍ଥିକ ସଙ୍କଟ ମଧ୍ୟକୁ ଟାଣିନେଉଛି ବୋଲି ବୋଲି ଗଜପତି ଜିଲା କଂଗ୍ରେସ ଅଭିଯୋଗ କରିଛି। ଦେଶର ଜିଡିପି ମୂଲ୍ୟ ୫ପ୍ରତିଶତକୁ ଖସି ଆସିଛି, ଯାହାକି ଗତ ୧୫ବର୍ଷ ମଧ୍ୟରେ ସର୍ବନିମ୍ନ ଜିଡିପି ହାର ବୋଲି ଦଳ ପକ୍ଷରୁ କୁହାଯାଇଛି । ସେହିପରି ଦେଶର ଋଣ ଭାର ମଧ୍ୟ ଇତିମଧ୍ୟରେ ବୃଦ୍ଧିପାଇଛି। ସମସ୍ତ ବ୍ୟାଙ୍କ୍ ମଧ୍ୟ ମାନ୍ଦାବସ୍ଥାରେ ଚାଲିଛି। ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଅନଟନ ଯୋଗୁ ଶ୍ରମିକମାନଙ୍କୁ ଛଟେଇ କରାଯାଉଛି। ଫଳରେ ବେକାରୀ ସଂଖ୍ୟା ବଢିବା ସହ ବିଭିନ୍ନ ସାମଗ୍ରୀର ଦରଦାମ ଅହେତୁକଭାବେ ବୃଦ୍ଧିପାଇଛି। କୃଷି କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଯୋଗୁ କୃଷକମାନେ ଋଣ ଭାରରେ ଆକ୍ରାନ୍ତ ହୋଇପଡୁଛନ୍ତି । ଫଳରେ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ ଅନୁପମ ଶାହାଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ଏଥିରେ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ସ୍ମାରକୀପତ୍ର ପ୍ରଦାନବେଳେ ଜିଲା କଂଗ୍ରେସର ସୂର୍ଯ୍ୟନାରାୟଣ ପାତ୍ର, ଲବ ସାହୁ, ଗୌତମ ପଣ୍ଡା, ଈଶ୍ୱର ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୭୧ ପ୍ରକଳ୍ପ


ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ପାରଳାଖେମୁଣ୍ଡି,୨୨।୧୧(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଉପଲଡ଼ାସ୍ଥିତ ଟାଗୋର ମେମୋରିଆଲ୍ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଡିଇଓ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ମେଳାକୁ ବିଇଓ ଠାକୁର ପ୍ରସାଦ ସିଂ ଉଦ୍‌ଘାଟନ କରିଥିଲେ। ଜି. ପ୍ରସାଦ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ରିକ କୁମାର ପଟ୍ଟନାୟକ ଯୋଗଦେଇ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ବିଷୟରେ କହିବା ସହ ଏହିପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରାରେ ଉନ୍ନତି ଆଣିବ ବୋଲି କହିଥିଲେ। ବିଜ୍ଞାନ ମେଳାରେ ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳାନନ୍ଦ ରଥ, ଗାରଡ଼ା ଗ୍ରାମସ୍ଥିତ ବି.ଏମ୍. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପ୍ରଧାନ ଯୋଗଦେଇଥିଲେ। ମେଳାରେ ଗୋଷାଣୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୭୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ସଫଳ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଡିସେମ୍ବର ୬ ଏବଂ ୭ ତାରିଖରେ ଅନୁଷ୍ଠିତ ହେବାକୁଥିବା ଜିଲାସ୍ତରୀୟ ବିଜ୍ଞାନମେଳାରେ ସ୍ଥାନ ପାଇବ।

■ ଜାତୀୟ ଫାର୍ମାସୀ ସପ୍ତାହ

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଲୋଚନା ବୈଠକ

ପାରଳାଖେମୁଣ୍ଡି,୨୨।୧୧(ସ୍ୱ.ପ୍ର.)


ବୈଠକରେ ଜିଲା ଫାର୍ମାସିଷ୍ଟ ସଂଘ ସଭାପତିଙ୍କ ସହ ଅନ୍ୟମାନେ।

ଜାତୀୟ ଫାର୍ମାସୀ ସପ୍ତାହ ଅବସରରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ମିଶ୍ର ଯୋଗଦେଇ ଫାର୍ମାସିଷ୍ଟ ମାନଙ୍କର କର୍ତ୍ତବ୍ୟ ଏବଂ ରୋଗୀମାନେ କେଉଁ କ୍ଷେତ୍ରରେ ସେମାନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ ସେ ବିଷୟରେ କହିଥିଲେ । ସେହିପରି ସରକାରଙ୍କ ପକ୍ଷରୁ ବିତରଣ କରାଯାଉଥିବା ଔଷଧ ଗୁଡ଼ିକରେ ବିଭିନ୍ନ ରୋଗ ପାଇଁ ଔଷଧର ଏକ ସ୍ୱତନ୍ତ୍ର ରଙ୍ଗ ରହିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ଏହାଦ୍ୱାରା ଯେ କୌଣସି ବ୍ୟକ୍ତି ସହଜରେ ବୁଝିପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଗଜପତି ଜିଲାରେ ମୁଖ୍ୟ ଚିକିତ୍ସାଳୟ ବ୍ୟତୀତ ବିଭିନ୍ନ ବ୍ଲକ୍‌ରେଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମୋଟ ୪୦ଫାର୍ମାସିଷ୍ଟ ବୈଠକରେ ଉପସ୍ଥିତ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲା ଫାର୍ମାସିଷ୍ଟ ସଂଘର ସଭାପତି ଜେ. ବି. ସରସ୍ୱତୀ, ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

**ଦାମନଯୋଡ଼ି, ୨୨।୧୧ (ଡି.ଏନ୍.ଏ.):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ସାହିତ୍ୟିକ ଓ ରାଜନୀତିଜ୍ଞ ତଥା ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଦାମନଯୋଡ଼ିରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ସାଧାରଣ ଜନତା ଡ. ମହତାବଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତିଚାରଣ କରିଥିଲେ। ବହୁ କବୟିତ୍ରୀ ମହତାବଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ନାଲ୍‌କୋ ସୁରକ୍ଷା ଓ ପରିବେଶ ବିଭାଗ ପ୍ରବନ୍ଧକ ଡ. ପ୍ରଦୀପ କୁମାର ପାଢୀଯୋଶୀ ମୁଖ୍ୟବକ୍ତା, ପ୍ରାଣୀ ଚିକିତ୍ସକ ଡା. ଉଦୟନାଥ ଖରା, ବରିଷ୍ଠ ଆଇନଜୀବୀ ପୀତାମ୍ବର ସାହୁ, ବିଶିଷ୍ଟ ସାହିତ୍ୟିକ ସୁଶାନ୍ତ କୁମାର ଦାଶ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡ. ସ୍ୱାତୀ ଚାଟାର୍ଜୀ, ଭାରତୀ ସାହୁ, ବବିତା ପାଲ୍, ବିଜୟ କୁମାର ଜେନା, କୁଳମଣି ଦାସ, ନରସିଂହ ବ୍ରହ୍ମା, ସାହିତ୍ୟିକ ତ୍ରୈଲୋକ୍ୟନାଥ ସାହୁ, ଶ୍ରୀକାନ୍ତ ସାହୁ, ସତ୍ୟବାନ୍ ସେଠୀ,ଡ. ନରେଶ ଚନ୍ଦ୍ର ସାହୁ, ପଙ୍କଜ ଗଡ଼ତିଆ, ବସନ୍ତ କୁମାର ଦାସ, ଅନାମ ଚରଣ ନାୟକ, ମନୋଜ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଧର ପରିଡା ମଞ୍ଚ ସଂଯୋଜନା କରିଥିବାବେଳେ ବିଜୟ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ଦଳିତ ସମାଜ ବିକାଶ ପରିଷଦ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



**ସେମିଲିଗୁଡ଼ା/ସୁନାବେଡ଼ା, ୨୨।୧୧ (ସ୍ୱ.ପ୍ର/ଡ଼ି.ଏନ.ଏ):** କୋରାପୁଟ ଜିଲା ଦଳିତ ସମାଜ ବିକାଶ ପରିଷଦ ବାର୍ଷିକ ଉତ୍ସବ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସେମିଲିଗୁଡାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠଚକ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦ ସଭାପତି ଡମ୍ବରୁ କୁଲଦୀପ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୦ତମ ଜୟନ୍ତୀ ଅବସରରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ତାଙ୍କ ଜୀବନୀ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ବାର୍ଷିକ ଉତ୍ସବରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବିଧାୟକ, ଏମପି ଓ ବିଭିନ୍ନ ସଂଗଠନଗୁଡିକୁ ଆମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ କୋରାପୁଟ ଜିଲାରେ ଜାତୀୟ ସ୍ତରରେ କୃତୀତ୍ୱ ଅର୍ଜନ କରି ସୁନାମ ଆଣିଥିବା ମେଧାବୀ ମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ଦିନଗୁଡିକରେ ଜିଲାରେ ସଂଗଠନକୁ ସୁଦୃଢ଼ କରି ଗତିଶୀଳ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିବାକୁ ଆଲୋଚନା କରାଯାଇଥିଲା। ବୈଠକରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁଲଦୀପ ଓ ସଭ୍ୟ ରାଜେଶ ଖରା, ନନ୍ଦ ଖେମୁଣ୍ଡୁ, ଜୟ ସେନ ବାଘ, ଶହୀଦ ଲକ୍ଷ୍ମଣ ନାୟକ ପାଠଚକ୍ରର ସଭାପତି ଧନପତି ଇଡିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ଲୋକନାଥ କଣ୍ଟା ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

**କୋରାପୁଟ,୨୨।୧୧(ସ୍ୱ.ପ୍ର)**


ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପୋଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ମଣ ନାୟକଙ୍କ ଆଦର୍ଶ ପ୍ରତି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଭାରତ ସ୍ୱାଧୀନତାରେ ଲକ୍ଷ୍ମଣ ନାୟକଙ୍କ ଭୂମିକା ଓ ଦେଶଭକ୍ତି ପାଇଁ ନିଜ ଜୀବନକୁ ବଳି ପକାଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କୁମାର କହଁର, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, କୋରାପୁଟ ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ବିଧାୟକ ନିମାଇଁ ସରକାର, ପ୍ରଫୁଲ୍ଲ କୁମାର ପାଙ୍ଗି ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସ୍ମାରକୀ କମିଟି ସଭ୍ୟ ରାଜକିଶୋର ସାମନ୍ତରାୟ, ରମା ଶର୍ମା, ଅଧ୍ୟାପକ ରବି ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲକ୍ଷ୍ମଣ ନାୟକଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କୋରାପୁଟ ବିଧାୟକ ରଘୁରାମ ପୋଡାଲ, ମେଡିକାଲ କଲେଜ ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ପିଡି ଡିଆରଡିଏ ପ୍ରବୀର କୁମାର ନାୟକ, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀଶଙ୍କର କାଲୋଙ୍କ ସମେତ ବହୁ ଅଧିକାରୀ ଓ କଲେଜର ସମସ୍ତ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ରହି ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ମଧ୍ୟାହ୍ନରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ନିଜ ଗ୍ରାମ ତେନ୍ତୁଳିଗୁମ୍ମାଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

### ଜୟପୁରରେ ପିଆଜ କିଲୋ ୮୦ ଟଙ୍କା

# ଖଟିଖିଆଙ୍କ ମୁଣ୍ଡରେ ଚଡ଼କ

**ଜୟପୁର,୨୧।୧୧( ନି.ପ୍ର)**

ଜୟପୁର ସହରରେ ପିଆଜ ଦର ୮୦ ଟଙ୍କା। ୨ ଦିନ ତଳେ ଜୟପୁର ଦୈନିକ ବଜାରରେ ପିଆଜ କିଲୋ ୪୦ ଟଙ୍କା ରହିଥିଲା। ଏବେ ଏହା ବୃଦ୍ଧି ପାଇ ୮୦ ଟଙ୍କାରେ ପହଞ୍ଚିଛି। ଏମିତି କି ଆଉ କେତେକ ସ୍ଥାନରେ ୯୦ ଟଙ୍କା ମଧ୍ୟ ବିକ୍ରି ହେଉଛି। ଫଳରେ ଖଟିଖିଆ, ମଜୁରିଆ, ମଧ୍ୟବିତ ପରିବାରରେ ଛନକା ପଶିଥିବା ଜଣାଯାଇଛି। କୋରାପୁଟ ଜିଲାର ବ୍ୟବସାୟୀମାନେ ପିଆଜ ଲାଗି ଛତିଶଗଡର ରାୟପୁର ଓ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ସେଠାରେ ପିଆଜ ଦର ବୃଦ୍ଧି ପାଇବାରୁ ଏବେ ଜିଲାରେ ଏହା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଜୟପୁରକୁ ପିଆଜ ଆସିବା କଷ୍ଟକର ହେବାରୁ କଳା ବଜାର ହେବାର ଆଶଙ୍କା ରହିଛି। ୨ ରୁ ୩ ଦିନ ଭିତରେ ଯଦି ପିଆଜ ଦର କମ ହୋଇ ଜୟପୁରକୁ ନ ଆସେ ତାହା ହେଲେ ଦର ଅଧିକ ବଢିବା ଆଶଙ୍କା ରହିଛି। ଏପରି ଦର ବଢିଥିବାରୁ ଖଟିଖିଆଙ୍କ ମୁଣ୍ଡରେ ବୋଝ ପଡିଥିବା ଜଣାଯାଇଛି। ଜୟପୁର ସହରରେ ପିଆଜ ଦର ବୃଦ୍ଧି ପାଇଥିବାରୁ ଏହାକୁ ରୋକିବା ଲାଗି ଜିଲା ଯୋଗାଣ ବିଭାଗ ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଯୋଗାଣ ବିଭାଗର ଅଧିକାରୀମାନେ ସହରର ଦୋକାନ ଓ ମୁଖ୍ୟ ବଜାରରେ ଥିବା ହୋଲସେଲ ଓ ରିଟେଲର ଦୋକାନରେ ଯାଞ୍ଚ କରିଛନ୍ତି। ମହାରାଷ୍ଟ୍ରର ନାସିକ, ଆନ୍ଧ୍ର ପ୍ରଦେଶରେ ନୂଆ ପିଆଜ ଆସିଲେ ଦର କମିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏନେଇ ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ପଚାରିବାରୁ, ପିଆଜ ଦର ବୃଦ୍ଧି ପାଇଥିବା ବେଳେ ସହରର ଜୟନଗର, ପାଇଲ ସାହି, ସମ୍ଭାରତୋଟା ଭଳି ଅଞ୍ଚଳରେ ସୁଲଭ ଦୋକାନରେ ଶୁକ୍ରବାର କିଲୋ ୬୫ ଟଙ୍କା ଦରରେ ବିକ୍ରି ହେଉଥିବା କହିଛନ୍ତି।

### ସର୍ଗିଫୁଲର ଦ୍ୱିତୀୟ ଦିନ

# ଦଳଗତ ନୃତ୍ୟରେ ଦୁଲୁକିଲା ମଞ୍ଚ

**ଜୟପୁର, ୨୨।୧୧(ନି.ପ୍ର)**


ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

ଜୟପୁର ବ୍ଲକ ହରଡାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ସର୍ଗିଫୁଲ କାର୍ଯ୍ୟକ୍ରମର ଶୁକ୍ରବାର ଥିଲା ଦ୍ୱିତୀୟ ଦିନ। ଏହି ଅବସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ବିଜ୍ଞାନ ମେଳାରେ ମାଲକାନଗିରି ଜିଲା ବିଭାଗୀୟ ବିଦ୍ୟାଳୟରୁ ଆସିଥିବା ୬ଟି ପ୍ରକଳ୍ପ ଓ କୋରାପୁଟ ଜିଲାରୁ ୧୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଯେଉଁଥିରୁ ୬ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ସର୍ଗିଫୁଲକୁ ମନୋନୀତ ହୋଇଛନ୍ତି। ଏହି ବିଜ୍ଞାନ ମେଳାରେ ରତି କାନ୍ତ ଦାଶ, ଅଶିଷ କୁମାର ପାଢୀ ବିଚାରକ ଭାବେ ଯୋଗ ଦେଇଥିଲେ। ସେହିପରି ଭଲିବଲ ଟୁର୍ନାମେଣ୍ଟ ମାଲକାନଗିରି ଟିମ ସହ କୋରାପୁଟ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏହାର ଫାଇନାଲ ମ୍ୟାଚ ଶନିବାର ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ମୋତିଲାଲ ରାଓ ମୁଖ୍ୟଅତିଥି, ଜିଲା କ୍ରୀଡା ଅଧିକାରୀ ରାଜ କିଶୋର ଜେନା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ହରଡାପୁଟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ। କୋରାପୁଟ ମଣ୍ଡଳ ଶିକ୍ଷାଧିକାରୀ ପ୍ରାଣକୃଷ୍ଣ ବେହେରା ସଭାପିତତ୍ୱ କରିଥିଲେ। ଶୁକ୍ରବାରର ମୁଖ୍ୟ ଆକର୍ଷଣ ଥିଲା ଦଳ ଗତ ନୃତ୍ୟ। ଏଥିରେ ୨୯ ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଦଳଗତ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ଏହି କାର୍ଯ୍ୟକ୍ରମକୁ ବିଜୟ ରଥ, କ୍ରାନ୍ତି ସିଂ, ନାରାୟଣ ମାଝି, ଏନ ରେଣୁକା ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣାରେ ୪ ଗୁରୁତର

**ଦଶମନ୍ତପୁର,୨୨।୧୧( ଡ଼ି.ଏନ.ଏ )**

ସ୍ଥାନୀୟ ଦଶମନ୍ତପୁର ଥାନା ଅନ୍ତର୍ଗତ ସଦରମହକୁମାସ୍ଥିତ ଭାଲିଆ ବାଡ଼ିଠାରେ ଶୁକ୍ରବାର ୨ଟି ବାଇକ ଧକ୍କା ହୋଇଛି। ଫଳରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପିଲିଗୁମ୍ମା ପଞ୍ଚାୟତର ଛତାଆମ୍ବ ଗ୍ରାମର ଗୁରୁନାଥ ଜାନି ଓ ସଞ୍ଜୟ ମୁଦୁଲି। ଅନ୍ୟ ଦୁଇଜଣଙ୍କର ପରିଚୟ ମିଳିନାହିଁ। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ସାପ୍ତାହିକ ହାଟ କରି ଦୁଇ ଜଣ ଯୁବକ ଏକ ବାଇକ (ଓଡ଼ି ୧୦ ଏଚ ୭୪୯୧) ରେ ସ୍ଥାନୀୟ ଜାନୀଗୁଡ଼ା ଗ୍ରାମକୁ ଯାଉଥିଲେ। ଭାଲିଆବାଡ଼ିଠାରେ ବିପରୀତ ଦିଗରୁ ଆସୁଥିବା ଗୁରୁନାଥ ଓ ସଞ୍ଜୟଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଉକ୍ତ ୪ ଜଣ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଯୁବକ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଅଟକ ରଖିଛି। ବାଇକ୍ ଚାଳକମାନେ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

**ଦାମନଯୋଡ଼ି, ୨୨।୧୧ (ଡି.ଏନ୍.ଏ.)**

ଦାମନଯୋଡ଼ି ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ୍‌ଶିପସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଅନାବରଣ କରାଯାଇଥିବା ଶହୀଦଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହକୁ ଉଦ୍‌ଘାଟନ କରିଥିଲେ। ମହାପ୍ରବନ୍ଧକ ରବି ନାରାୟଣ ଉପାଧ୍ୟାୟ, ବି.କେ. ପଣ୍ଡା, ଚୌଧୁରୀ ପ୍ରମୋଦ କୁମାର ପାତ୍ର, ଡିଜିଏମ୍ ଅମରେନ୍ଦ୍ର କୁମାର ମିଶ୍ର, ମହେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡଃ ଉଦୟ ନାଥ ଖୋରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶହୀଦଙ୍କ ଜୀବନୀ ବିଷୟରେ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ ସଭାପତି ଗୁରୁ ଟାକ୍ରି, ସାଧାରଣ ସମ୍ପାଦକ ମୋହନ ଦାସ ପ୍ରଧାନ, ବଳଭଦ୍ର ଜାନୀ, ସଦା ନାଗ, ପାରତୁମ୍ ଦିଶାରୀ, ଜନାର୍ଦ୍ଦନ ନାୟକ, ଚନ୍ଦ୍ରାଇ ଗୁଡୁ, ମାଥ୍ୟୁଡିଅସ ତିର୍କୀ, କିଆ ସାନ୍ତା, ଗଣେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶ୍ରୀଧର ପରିଡା ସଂଯୋଜନା କରିଥିଲେ। ସେହିପରି ନାଲ୍‌କୋ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟାଳୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି।

### ଜିଲା ପରିଷଦ ନେଇ ଉପନିର୍ବାଚନ

# ହାଟରେ ୩ ଦଳର ଭୋଟ ଭିକ୍ଷା



ବିଜେଡ଼ି ଓ ଭାଜପା ପକ୍ଷରୁ ପ୍ରଚାର କରାଯାଉଛି।

**ଦଶମନ୍ତପୁର,୨୨।୧୧( ଡ଼ି.ଏନ.ଏ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଜିଲା ପରିଷଦ ପଦବୀ ନିମନ୍ତେ ଆସନ୍ତା ୨୭ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଶୁକ୍ରବାର ସାପ୍ତାହିକ ହାଟରେ ୩ ଦଳ ରଣକୌଶଳ ପ୍ରଦର୍ଶନ କରିବା ସହ ଭୋଟ ଭିକ୍ଷା କରିଛନ୍ତି। ଏହି ହାଟରେ ପ୍ରଚାର କରିବା ଲାଗି ପ୍ରତ୍ୟେକ ଦଳକୁ ମାତ୍ର ଦେଢ଼ ଘଣ୍ଟା ଲେଖାଏ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରଥମେ ବିଜେଡି ମଧ୍ୟାହ୍ନ ସାଢେ ୧୨ଟାରୁ ପ୍ରଚାର କରିଥିଲା। ଏଥିରେ ବୟନ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ପ୍ଲାନିଂବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କ୍ରିସାନୀ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଗୁପ୍ତ ପ୍ରସାଦ ଦାଶ, ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ, ସମ୍ପାଦକ ସୁରେଶ ସୁବୁଦ୍ଧି, କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇ, ଅନନ୍ତ ଖରା, ବ୍ଲକ ସଭାପତି ମହେନ୍ଦ୍ର କୁଳଦୀପଙ୍କ ସମେତ ୧୬ ଟି ପଞ୍ଚାୟତର ଦଳୀୟ କର୍ମୀ ସାମିଲ ହୋଇଥିଲେ। ଜିଲା ପରିଷଦ ପ୍ରାର୍ଥୀ କହ୍ନେଇ ଜାନୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟ କରାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପ୍ରଚାରରେ ଆସିଥିବା ଅତିଥିମାନଙ୍କୁ ସ୍ଥାନୀୟ ମଙ୍ଗରା ଗୁଡ଼ାଛକଠାରୁ ସ୍ୱାଗତ କରି ବିଶାଳ ବାଇକ ଶୋଭାଯାତ୍ରାରେ ମଣ୍ଡପକୁ ଅଣାଯାଇଥିଲା। ସେହିପରି କଂଗ୍ରେସର ପ୍ରାର୍ଥୀ ନରୀ ହିକ୍‌କାଙ୍କ ପ୍ରଚାର ଲାଗି ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲିସିକା, ନିମାଇଁ ସରକାର, କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ବ୍ଲକ ସଭାପତି ହେମନ୍ତ ଖରା, ରମେଶ ଭୋତ୍ରା, ଦିଲୀପ ବାଘ ପ୍ରଚାର କରିଥିଲେ। ସେହିପରି ଭାଜପାର ପ୍ରଚାର ପାଇଁ ସ୍ଥାନୀୟ ବରିଷ୍ଠ ନେତା କୃପା ରାଏଙ୍କ ସମେତ ଅନ୍ୟ ଦଳୀୟ କର୍ମୀମାନେ ହାଟରେ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ।

### ଠିକା ଶ୍ରମିକଙ୍କ ତରଫରୁ କମ୍ବଳ ବଣ୍ଟନ

**ଦାମନଯୋଡ଼ି, ୨୨।୧୧ (ଡି.ଏନ୍.ଏ.)**

ନାଲ୍‌କୋ ପ୍ଲାଣ୍ଟର ମେକାନିକାଲ ବିଭାଗରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ତରଫରୁ ଶୁକ୍ରବାର ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶ୍ରମିକମାନେ ମାଥାଲପୁଟ ପଞ୍ଚାୟତ ଅନ୍ତର୍ଗତ ମାଥାଲପୁଟ, କୁରୁମୁଳ ଓ ହାତୀମୁଣ୍ଡା ଆଦି ଗ୍ରାମର ୪୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବାଣ୍ଟିଥିଲେ। ଏଥିପାଇଁ ଅଭୟ କୁମାର ନାୟକ, ସଚିକାନ୍ତ ବିଶ୍ୱାଳ, ମନୋଜ କୁମାର ଖୋରା, ଶଙ୍କର ଜାନୀ, ରାଜେନ୍ଦ୍ର ଗନ୍ତାୟତ, ରାମଚନ୍ଦ୍ର ନାୟକ, କୁନା ସାହୁ, ହେମନ୍ତ ଦାସ, ସାଧବ ଖରା, ରସାଦିତ ବଡୁ, ପରେଶ କୁମାର ପରିଡା, ସିୟନ ବେନିୟା ଏବଂ ଭବାନୀ ଶଙ୍କର ଖରା ପ୍ରମୁଖ ଶ୍ରମିକମାନେ ଚାନ୍ଦା ଆଦାୟ କରି କମ୍ବଳ ଆଣି ଗରିବଙ୍କୁ ପ୍ରଦାନ କରିଛନ୍ତି। କଷ୍ଟ ଉପାର୍ଜିତ ଅର୍ଥରେ ଗରିବ ଲୋକଙ୍କୁ ସାହାଯ୍ୟ କରିପାରିଲେ ବହୁତ ଆନନ୍ଦ ମିଳିଥାଏ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।

# କଂଗ୍ରେସ ପକ୍ଷରୁ ଧାରଣା

**କୋରାପୁଟ,୨୨।୧୧(ସ୍ୱ.ପ୍ର)**

କେନ୍ଦ୍ର ଭାଜପା ସରକାରଙ୍କ ଅର୍ଥନୀତିର ମାନ୍ଦାବସ୍ଥା ଏବଂ ବିଜେଡି ସରକାରଙ୍କ ଜନମାରଣ, କୃଷକ ମାରଣ ଓ ନାରୀ ନିର୍ଯାତନା ବିରୋଧରେ ଶୁକ୍ରବାର କୋରାପୁଟ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନିପତିଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମକର୍ତ୍ତା ସ୍ଥାନୀୟ ଗୁଣ୍ଡିଚା ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଓ ପ୍ରତିବାଦ ସଭା କରିଥିଲେ। ଏହି ଧାରଣାରେ ପୂର୍ବତନ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟର ବରିଷ୍ଠ ନେତା କୃଷ୍ଣ କୁଲଦୀପ, କୋରାପୁଟ ମ୍ୟୁନିସିପାଲିଟି ପୂର୍ବତନ ଅଧ୍ୟକ୍ଷ ଭଗବାନ ବାହିନିପତିଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ।


କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

# ପେନସନ ଅଦାଲତ ନେଇ ବୈଠକ

**କୋରାପୁଟ,୨୨।୧୧(ସ୍ୱ.ପ୍ର)**


ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ପେନଶନ ଅଦାଲତ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବକେୟା ରହିଥିବା ବିଭିନ୍ନ ପେନଶନ ମାମଲାଗୁଡିକର ତୁରନ୍ତ ସମାଧାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲାରେ ଥିବା ୯୯ ଟି ବିଭାଗର ୬୨୧ ଟି ମାମଲା ରହିଛି। ତାହା କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପେନଶନ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ, ଏଜି କାର୍ଯ୍ୟାଳୟର ଆକାଉଣ୍ଟ ଅଧିକାରୀ ଏମ. ପାଣିଗ୍ରାହୀ, ଏଏଓ ସୁଧୀର କୁମାର ମିଶ୍ର, ଜିପିଜିର ସେକ୍ସନ ଅଧିକାରୀ ସତିଶ ସୋରେନ, କଣ୍ଟ୍ରୋଲର ଆକାଉଣ୍ଟାଣ୍ଟ ସେକ୍ସନ ଅଫିସର ପ୍ରଭାକର ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସାମାନ୍ୟ ଭୁଲ ପାଇଁ ସରକାରୀ ଅଧିକାରୀ ତାଙ୍କର ପେନଶନ ପାଇବାରୁ ବଞ୍ଚିତ ରହୁଛନ୍ତି। ତେଣୁ ରାଜ୍ୟ ପେନଶନ ନିର୍ଦ୍ଦେଶାଳୟ ପକ୍ଷରୁ ଏପରି କେଶଗୁଡିକୁ ଚିହ୍ନଟ କରି ସମାଧାନ କରିବାକୁ ଏପରି କାର୍ଯ୍ୟକ୍ରମ କରାଯାଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ବିକଳ୍ପ ବ୍ୟବସ୍ଥା କରା ନ ଯାଇ ଶୌଚାଳୟ ଭଙ୍ଗା

**ଜୟପୁର,୨୨।୧୧(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ସରକାରୀ ବସଷ୍ଟାଣ୍ଡ ଟ୍ରାଫିକ ଛକଠାରେ ୨୬ ନମ୍ବର ଜାତୀୟ ରାଜପଥରେ ଜବରଦଖଲ କରି ରହିଥିବା ଶୌଚାଳୟକୁ ଗତ ବୁଧବାର ଭଙ୍ଗା ଯାଇଥିଲା। ଏହିପରି ଜବରଦଖଲ ଉଚ୍ଛେଦକୁ ସ୍ଥାନୀୟ ବାସିନ୍ଦା ଏବଂ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି। କିନ୍ତୁ ପ୍ରଶାସନ କିମ୍ବା ପୌରସଂସ୍ଥା ପକ୍ଷରୁ ପୂର୍ବରୁ ଶୌଚାଳୟ ବ୍ୟବସ୍ଥା କରା ନ ଯାଇ ଉଚ୍ଛେଦ କରାଯିବାକୁ ସାଧାରଣରେ ନିନ୍ଦା କରାଯାଇଛି। ଏହାକୁ ନେଇ ଅସନ୍ତୋଷ ମଧ୍ୟ ଦେଖାଦେଇଛି। ଏହି ଶୌଚାଳୟ ଉପରେ ଦୈନିକ ଶତାଧିକ ଲୋକ ନିର୍ଭର କରୁଥିଲେ। ପୂର୍ବରୁ କୌଣସି ବ୍ୟବସ୍ଥା କରା ନ ଯାଇ ଏହି ଶୌଚାଳୟ ଭଙ୍ଗା ଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି।

ଦୀର୍ଘ ୩୦ ବର୍ଷ ହେଲାଣି ଏଠାରେ ଉକ୍ତ ଶୌଚାଳୟ ରହିଛି। ଏହା ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ଥିଲା। ବସଷ୍ଟାଣ୍ଡ ପାର୍ଶ୍ୱରେ ଏହା ରହିଥିବାରୁ ଦୂରଗାମୀ ବସଗୁଡିକ ଭୋରରୁ ଏଠାରେ ପହଞ୍ଚୁଥିବାରୁ ଯାତ୍ରୀମାନେ ଏହି ଶୌଚାଳୟ ଉପରେ ଅଧିକ ନିର୍ଭରଶୀଳ ରହୁଥିଲେ। ଜୟପୁର ଯାତ୍ରୀଙ୍କ ପରିବହନ ଦୃଷ୍ଟିରୁ ଏକ ମୁଖ୍ୟ କେନ୍ଦ୍ରସ୍ଥଳ। ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ ଏବଂ ତେଲେଙ୍ଗାନା ରାଜ୍ୟ ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁରରୁ ବସ ଯୋଗେ ଆସୁଥିବା ଯାତ୍ରୀମାନେ ମାଲକାନଗିରି, ନବରଙ୍ଗପୁର ଜିଲା ଏବଂ କୋରାପୁଟ ଜିଲାର ଅନ୍ୟାନ୍ୟ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ତେଣୁ ଏଠାରେ କିଛି ଯାତ୍ରୀ ଓହ୍ଲାଉଥିବା ବେଳେ ଯାତ୍ରା ନିମନ୍ତେ ବସରେ ମଧ୍ୟ ଚଢନ୍ତି। ତେଣୁ ଭୋର ସମୟରେ ଏହା ଲୋକଙ୍କ ନିମନ୍ତେ ଏକ ଉପଯୋଗୀ ଶୌଚାଳୟ ଭାବେ ରହିଥିଲା। ସେହିପରି ନିକଟସ୍ଥ ଛୋଟାଗୁଡା ବସ୍ତି ବାସିନ୍ଦା ଏହା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ବସ୍ତିର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ଶୌଚ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହିପରି ସରକାରୀ ବସଷ୍ଟାଣ୍ଡରେ ମହିଳାଙ୍କ ନିମନ୍ତେ ୩ଟି ଏବଂ ପୁରୁଷଙ୍କ ନିମନ୍ତେ ୩ଟି ଏହିପରି ସମୁଦାୟ ୬ଟି କେବଳ ଶୌଚାଳୟ ରହିଛି। କିନ୍ତୁ ଗାଧୁଆ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏନେଇ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କୁ ପଚାରିବାରୁ, ଲୋକଙ୍କ ସୁବିଧା ନିମନ୍ତେ ସରକାରୀ ବସଷ୍ଟାଣ୍ଡରେ ରହିଥିବା ଶୌଚାଳୟକୁ ଅପଗ୍ରେଡ କରାଯାଇ ଅଧିକ ସଂଖ୍ୟକ ଶୌଚାଳୟ ଏବଂ ଗାଧୁଆଘରର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

ନବରଙ୍ଗପୁର,୨୨।୧୧(ବି.ପ୍ର)- ନବରଙ୍ଗପୁର ଥାନାର ନୂଆ କୋର୍ଟ ନିକଟରେ ଡକାୟତି ପାଇଁ ଯୋଜନା ଚାଲିଥିବା ବେଳେ ଖବର ପାଇ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ କରଛି। ନବରଙ୍ଗପୁର ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ନବରଙ୍ଗପୁର ସହର ନିକଟସ୍ଥ ରଙ୍ଗାମାଟିଗୁଡା ନିକଟ ନୂଆ କୋର୍ଟ ପାଖରେ ଡକାୟତି ଉଦ୍ୟମ ପାଇଁ ଯୋଜନା ଚାଲିଥିବା ପୋଲିସକୁ ଖବର ମିଳିଥିଲା। ସେଠାରେ ନବରଙ୍ଗପୁର ପୋଲିସର ପାଟ୍ରୋଲିଂ ଗାଡି ଚଢାଉ କରିଥିଲା। ଡକାୟତି ଉଦ୍ୟମ ପାଇଁ ୬ ଜଣ ଯୁବକ ଥିଲେ। ପୋଲିସ ଚଢାଉ ସମୟରେ ୩ ଜଣ ଖସି ଯାଇଥିବା ବେଳେ ୩ ଜଣଙ୍କୁ ପୋଲିସ କାବୁ କରିଥିଲା। ଗିରଫ ହୋଇଥିବା ଏହି ୩ ଜଣ ଯୁବକ ହେଲେ କୋଟପାଡ ଥାନା ଅନ୍ତର୍ଗତ ସେସାହାଣ୍ଡି ଗାଁର ପଦମ ହରିନ, ବିଜରାଗୁଡା ଗାଁର ଘଗପତି ଗଣ୍ଡ ଓ ମାଝିଗୁଡା ଗାଁର କୃଷ୍ଣ ଭତ୍ରା। ଏହି ୩ ଜଣଙ୍କୁ ଥାନାରେ ପୋଲିସ ପଚରାଉଚରା କରୁଛି। ଯୁବକଙ୍କ ଠାରୁ ରଡ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଆଇଆଇସି ତାରିକ ଅହମ୍ମଦଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଦେବଦତ୍ତ ମଲ୍ଲିକ ଚଢାଉ କରିଥିଲେ। ଥାନାରେ ନଂ ୨୮୫/୧୯ରେ ମାମଲା ରୁଜୁ କରାଯାଇଛି। ଗରିଫ ହୋଇଥିବା ଯୁବକଙ୍କ ନାମରେ ବିଭିନ୍ନ ଥାନରେ ମାମଲା ରହିଛି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକ ସମ୍ମିଳନୀ

ଚନ୍ଦାହାଣ୍ଡି,୨୨।୧୧(ଡି.ଏନ.ଏ)- ଚନ୍ଦାହାଣ୍ଡି ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପାନାବେଡା ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ନିମନ୍ତେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ଭଜନଲାଲ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ରଞ୍ଜନ ମଲ୍ଲିକ ଏବଂ ମିଳନ କୁମାର ଷଡଙ୍ଗୀ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ମାଧମିକ ଓ ଉଚ୍ଚ ମାଧମିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଏବଂ ଶିକ୍ଷକମାନେ ଦିବ୍ୟାଙ୍ଗ ପିଲାମାନଙ୍କ ଦାୟିତ୍ୱ କିଭଳି ନିର୍ବାହ କରିବେ ସେ ସମ୍ପର୍କରେ ବୁଝାଇଥିଲେ। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ବାଣିଶ୍ରୀ ଯୋଜନାରେ ବାଣିଶ୍ରୀ ଛାତ୍ର ବୃତ୍ତିର ବ୍ୟବସ୍ଥା ରହିଛି। ସ୍କୁଲକୁ ଚାଲିକି ଆସି ପାରୁ ନ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ସହାୟକ ଯାତାୟାତ ଭତ୍ତା ବ୍ୟବସ୍ଥା , ପାଠ୍ୟପୁସ୍ତକ ପ୍ରଦାନର ବ୍ୟବସ୍ଥା ରହିଥିବା ବିଇଓ ଭଜନଲାଲ ମାଝି ସୂଚନା ଦେଇଥିଲେ।

### ନବରଙ୍ଗପୁର ଆରଟିଓର ୨ ରାଜସ୍ୱ ସହାୟକଙ୍କୁ ବଦଳି

ନବରଙ୍ଗପୁର,୨୨।୧୧(ବି.ପ୍ର.)- ନବରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଧର୍ମେନ୍ଦ୍ର ପଟ୍ଟନାୟକଙ୍କୁ ଚନ୍ଦାହାଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସେଠାକାର କୃଷ୍ଣ ଚନ୍ଦ୍ର ନାୟକ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ଅବସ୍ଥାପିତ କରାଯାଇଛି । ସେହିଭଳି କନିଷ୍ଠ ରାଜସ୍ୱ ସହାୟକ ନିତେଶ କୁମାର ରଥଙ୍କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଶ୍ରୀକାନ୍ତ କୁମାର ଶତପଥିଙ୍କୁ ନବରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି ।

## ■ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

# ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ନବରଙ୍ଗପୁର,୨୨।୧୧(ବି.ପ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅବିଭକ୍ତ କୋରାପୁଟ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠରେ ପାଳିତ ହୋଇ ଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭାସ୍କର ରଇତୋ, ବକ୍ତା ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ, ପୌର ପାଳିକା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ବିଜୟକୁମାର ଚୌଧୁରୀ, ସାହିତ୍ୟିକ ନାରାୟଣ ପଣ୍ଡା, ଅବନୀ ତ୍ରିପାଠୀ, ଜେମା ମଣି ବିଷୋୟୀ ଯୋଗ ଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ଆଜିର ଯୁବ ପିଢୀ ଓ ଛାତ୍ରୀଛାତ୍ର ଏହି ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ମନ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତୀ ଛାତ୍ରୀ ଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ ପରିଚାଳନା କରିଥିଲେ । ସେହିଭଳି ଭତରା ଭବନ ଠାରେ ଶହୀଦ ଲକ୍ଷ୍ମଣ ନାୟକ ଜିଲା ସ୍ୱେଚ୍ଛାସେବୀ ସଂଘ ଓ ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ କରାଯାଇଥିଲା । ଏଥିରେ କମୁଲୁ ହରିଜନ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଜନଜାତି ସୁରକ୍ଷା ମଞ୍ଚର ସମ୍ପାଦକ ରତନ ମାଝୀ, ସମ୍ମାନିତ ଅତିଥି ଜୟରାମ ପୂଜାରୀ, ମଙ୍ଗନା ହରିଜନ ଓ କମୋଳ ଲୋଚନ ପାଇକଯୋଗ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ ପରିବେଶ, ନିଯୁକ୍ତି, ଅର୍ଥନିତୀ, ପେଷା ଆଇନ, ନିଶାମୁକ୍ତ ଜିଲାପାଇଁ ସଚେତନ କରାଯାଇଥିଲା । ଉକ୍ତ ସଭାରେ ଚଞ୍ଚଳା ହରିଜନ, ଲଛମନ ହରିଜନ, ଲକ୍ଷ୍ମଣ ହରିଜନ, ଦୁର୍ଯ୍ୟୋଧନ ନାୟକ, ଧନ ଭତ୍ରା ଓ ଅନ୍ୟ ମାନେ ଉପସ୍ଥିତଥିଲେ । ସହ ସମ୍ପାଦକ ଧନ ଗୌଡ ଦେଇଥିଲେ । ସମ୍ପାଦକ ଜିତୁ ଜାନୀ ମଞ୍ଚ ପରିଚାଳନା କରିଥିଲେ ।


ଆୟାପ୍ପା ଭକ୍ତ ଇରୁମୁଡି ପୂଜା କରୁଛନ୍ତି ।

## ଆୟାପ୍ପା ଭକ୍ତଙ୍କ ଇରୁମୁଡି ପୂଜା

ଡାବୁଗାଁ,୨୨।୧୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୟନ୍ତୀନଗର ସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଆୟାପା ଭକ୍ତଙ୍କ ଇରୁମୁଡି ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୂଜାରେ ଜୟପୁରର ରାବଣା ଗୁରୁସ୍ୱାମୀ ଆଇ. ରାବଣା ସ୍ୱାମୀ ଯୋଗଦେଇ ପୂଜର୍ଚ୍ଚନା କରି ବ୍ରତଧାରୀଙ୍କ ମୁଣ୍ଡରେ ଇରୁମୁଡି ଧାରଣ କରାଇଥିଲେ। ସମସ୍ତ ଭକ୍ତମାନେ କେରଳର ସାବରିମାଲା ଯାଇ ପମ୍ପା ନଦୀରେ ସ୍ନାନ କରି ସେଠାରୁ ଚାଲିଚାଲି ଯାଇ ଅୟାପ୍ପା ସ୍ୱାମୀଙ୍କ ମନ୍ଦିରରେ ଅୟାପ୍ପା ସ୍ୱାମୀଙ୍କୁ ଦର୍ଶନ କରିବେ । ଏଥିରେ ଡାବୁଗାଁ ଗୁରୁସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ସ୍ୱାମୀ ଚିତ୍ତରଞ୍ଜନ ପାତ୍ର, ବାଦଲ ଜେନା, ସୁରେଶ ସାହୁ, ଅଲେଖ ନାୟକ, ଏ.ଉଦୟ କୁମାର, ଅରୁଣ ସିଂ ଓ ଗୟାଧର ପ୍ରଧାନଙ୍କ ସମେତ ମୋଟ ୯ ବ୍ରତଧାରୀ ସ୍ୱାମୀ ଇରୁମୁଡି ଧାରଣ କରିଥିଲେ । ସମସ୍ତ ସ୍ୱାମୀମାନେ ସନ୍ଧ୍ୟାରେ ଅୟାପ୍ପାଙ୍କ ଦର୍ଶନାର୍ଥେ କେରଳ ଅଭିମୁଖେ ଯାତ୍ରା କରିଛନ୍ତି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା



କଂଗ୍ରେସ କର୍ମୀ ଓ ନେତା ଶୋଭାଯାତ୍ରାରେ ଯାଉଛନ୍ତି।

ନବରଙ୍ଗପୁର,୨୨।୧୧(ବି.ପ୍ର)

ଭାରତ ବର୍ଷର ଆର୍ଥୀକ ପରିସ୍ଥିତି ଉଦବେଗ ଜନକ ରହିଛି । ବେକାରୀ ସମାସ୍ୟାର ସମାଧାନ ହୋଇ ପାରିଲା ନାହିଁ। ଏହାକୁନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଏଥିସହ ନବରଙ୍ଗପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ସହାୟକ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ଦାୟିତ୍ୱରେ ଥିବା ମୁନା ତ୍ରିପାଠୀଙ୍କ ସମେତ ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ପୂର୍ବତନ ବିଧାୟକ ସଦନ ନାୟକ, ସାଧାରଣ ସମ୍ପାଦକ ଡମ୍ଫୁ ଅଗ୍ରୱାଲ, ପ୍ରଦୀପ ସାହୁ, ସଂଜୟ ନାୟକ, କୁନାପାଢୀ, ଜୋନ ସଭାପତି ଆକବର ଖାନ, ଡୁନାବାନୋ, ଗଣେଶ୍ୱର ତ୍ରିପାଠୀ, ବିଶୁ ସିଂ, ଦିଲ୍ଲିପ ପ୍ରଧାନୀ, ଇଶର ମିରଗାନ୍, ପି. ନାଗରତ୍ନମ, ନଗର ସଭାପତି ଉତ୍ତମ ତ୍ରିପାଠୀ ଓ ବାସୁଦେବ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ବୈଠକ

ଚନ୍ଦାହାଣ୍ଡି,୨୨।୧୧(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ କନଫରେନ୍ସ ହଲଠାରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧକ୍ଷତାରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ନବରଙ୍ଗପୁର ଜିଲାର ଚନ୍ଦାହାଣ୍ଡି ବ୍ଲକର ୩୦ଟି ଗ୍ରାମ ଓ କୋଷାଗୁମୁଡା ବ୍ଲକର ୩୦ଟି ଗ୍ରାମକୁ ସାମିଲ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ସିଏପି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ବୈଠକରେ ସିଏସପିର ସାଧାରଣ ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ ଏବଂ ନୋଡାଲ ଏନଜିଓ ସମ୍ପର୍କର ଅଧକ୍ଷ କାର୍ତ୍ତିକ ମଲ୍ଲିକ ଉପସ୍ଥିତ ରହି ବ୍ଲକସ୍ତରୀୟ ସମସ୍ତ ଅଧିକାରୀଙ୍କୁ ଏହି ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା

ଡାବୁଗାଁ,୨୨।୧୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଏନଡିଆରଏଫ କର୍ମଚାରୀ ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏନଡିଆରଏଫ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଭୈରବ କନିଷ୍ଠ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ବିଡିଓ ପଦ୍ମନାଭ ତ୍ରିପାଠୀ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କଟକ ମୁଣ୍ଡଳି ସ୍ଥିତ ୩ୟ ବାଟାଲିୟନର ଇନ୍ସପେକ୍ଟର ସୁନୀଲ କୁମାର ଶାନ୍ତି ଯୋଗଦେଇ ଏନଡିଆରଏଫ କ'ଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ଓ ସମାଜକୁ କିପରି ସୁରକ୍ଷା ପ୍ରଦାନ କରିପାରିବା ସେନେଇ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଏନଡିଆରଏଫର କର୍ମଚାରୀମାନେ ବିଭିନ୍ନ କୌଶଳ ଦେଖାଇଥିଲେ। ଏଥିରେ ଡାବୁଗାଁ ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେଉରିଆ, ସବଇନ୍ସପେକ୍ଟର ରଙ୍କନିଧି ସାହୁ, ଶିକ୍ଷକ ହେମନ୍ତ କୁମାର ସାମଲ ଉପସ୍ଥିତ ଥିଲେ।

## ଅଧ୍ୟାପକ ଗୋପାଳ ମହାରଣାଙ୍କୁ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର



ଅଧ୍ୟାପକ ଗୋପାଳ ମହାରଣାଙ୍କୁ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର ପ୍ରଦାନ କରାଯାଉଛି।

ଝରିଗାଁ,୨୨।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଓଡିଆ ଅଧ୍ୟାପକ ଗୋପାଳ ମହାରଣାଙ୍କୁ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ନାଟକ ସଂସ୍କାର ପାଇଁ ମିଳିଛି ଏହି ପୁରସ୍କାର। ନାଟକଟିର ବଳିଷ୍ଠ କଥାବସ୍ତୁ, ସଂଳାପ ଓ ଚରିତ୍ରାୟନକୁ ଆଧାରକରି କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ସଂଗମ ଅନୁଷ୍ଠାନ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛି। ସେ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗାଳ୍ପିକ, ଓପନ୍ୟାସିକ, ପ୍ରାବନ୍ଧିକ ସହ ବହୁମୁଖି ଅଧିକାରୀ ଅଟନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭାରଥୀ କଳା ନିକେତନ ଦ୍ୱାରା ପରିବେଷଣ ହୋଇଥିବା ସଂସ୍କାର ନାଟକରେ ଛଅ ଜଣ ଶିଶୁ କଳାକାରଙ୍କୁ ନେଇ ପରିବେଷିତ ହୋଇ ୧୦ଟି ପୁରସ୍କାର ପାଇବା ଗୌରବ ଅର୍ଜନ କରିବା ସହ ମହୋତ୍ସବର ସର୍ବଶ୍ରେଷ୍ଠ ନାଟକ ରୂପେ ପୁରସ୍କୃତ ହୋଇଛି।

## ଉଚ୍ଚ ଶିକ୍ଷା ନିମନ୍ତେ ଛାତ୍ରୀଙ୍କୁ ସହାୟତା

ଚନ୍ଦାହାଣ୍ଡି,୨୨।୧୧(ଡି.ଏନ.ଏ)- ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏବଂ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର ଫଟିକିସ୍ଥିତ ସରକାରୀ ଶିଳ୍ପ ଓ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଏଥି ସହ ବିଭିନ୍ନ ଟ୍ରେଡର ଛାତ୍ରୀଛାତ୍ରଙ୍କ ଶିକ୍ଷା ବ୍ୟବସ୍ଥା ତଥା ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏଥିସହ ଏହି ତାଲିମ କେନ୍ଦ୍ରରେ ଅଧ୍ୟୟନ କରୁଥିବା ଗରିବ ଛାତ୍ରୀ ରଶ୍ମିତା ମରକାମଙ୍କୁ ଉଚ୍ଚ ଶିକ୍ଷା ଗ୍ରହଣ ନିମନ୍ତେ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

## ମାସିକ ପାରିଶ୍ରମିକ ଦାବିରେ ଆଶାକର୍ମୀଙ୍କ ଶୋଭାଯାତ୍ରା

ଚନ୍ଦାହାଣ୍ଡି, ୨୨।୧୧(ଡି.ଏନ.ଏ)


ଜିପିଇଓଙ୍କୁ ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଆନୁକୂଲ୍ୟରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଆଶାକର୍ମୀ ସଂଘ ତରଫରୁ ସ୍ଥାନୀୟ ହାଟପଦାଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଭିନ୍ନ ନାରା ଦେଇ ବ୍ଲକ ଅଫିସ ନିକଟକୁ ପହଞ୍ଚିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଭାରପ୍ରାପ୍ତ ଜିପିଇଓଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବିପତ୍ର ପ୍ରଦାନ କରିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ଏକ ସାଧାରଣ ସଭାରେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ପରମେଶ୍ୱର ବିଶୋଇ ଓ ଆଶାକର୍ମୀ ସଂଘର ଜିଲା ସମ୍ପାଦିକା ସବିତା ପଣ୍ଡା, ବ୍ଲକ ସଭାନେତ୍ରୀ କୌଶଲ୍ୟା ବାଘ, ଉପସଭାନେତ୍ରୀ ଲଛନୀ ଦେଇ, ଉପସଭାନେତ୍ରୀ ସରୋଜିନୀ ବାଘ, ସମ୍ପାଦିକା ହଂସେନି ପଣ୍ଡା, କୁନି ମୋରି ଯୋଗଦେଇ ଥିଲେ। ଆଶାକର୍ମୀମାନଙ୍କୁ ମାସିକ ପାରିଶ୍ରମିକ ଦେବା ପାଇଁ ଦାବି କରିଥିଲେ। ଆଶା ଓ ଆଶା ସାଥୀଙ୍କ ମାସିକ ପାରିଶ୍ରମିକ ୧୮ହଜାର ଓ ସାମାଜିକ ସୁରକ୍ଷା, ପ୍ରୋଭିଡେଣ୍ଟ ଫଣ୍ଡ, ବୀମା ପେନସନ ପ୍ରଦାନ, ଦୁର୍ଘଟଣାଜନିତ ମୃତ୍ୟୁରେ ୪ଲକ୍ଷ ପ୍ରଦାନ, ଡ୍ରେସକୋର୍ଡ ଲାଗୁ କରିବା, ପ୍ରୋତ୍ସାହନ ରାଶି ପ୍ରଦାନ ଉଲ୍ଲେଖ କରାଯାଇଛି ।

## ■ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ଶୋଭାଯାତ୍ରା

# ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ

ନବରଙ୍ଗପୁର,୨୨।୧୧(ବି.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ଏକ ଶୋଭାଯାତ୍ରା ଚାଉଁରିଆଗୁଡାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଜିଲାପାଳଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦାବିପତ୍ରରେ ଦର୍ଶାଇଥିଲେ ଯେ ସ୍ୱାଧୀନତାର ୭୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଅଞ୍ଚଳର ମୂଳ ନିବାସୀମାନେ ସରକାରୀ ସୁବିଧା ଓ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି । ତେଣୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପରିଷଦର ୫ ଦଫା ଦାବୀ ପୁରଣ କରିବାକୁ ଦାବିପତ୍ରରେ ଦର୍ଶାଇଛନ୍ତି । ଏହି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ବେକାରୀ ସମସ୍ୟା, ଦାଦନ ଶ୍ରମିକ ସମସ୍ୟା, କୃଷି ଇତ୍ୟାଦିର ବିକାଶ ଏଯାଏ ହୋଇ ପାରିନାହିଁ । ତେଣୁ ଏଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପ୍ରତି ପଦକ୍ଷେପ ଗ୍ରହଣ କରଯାଉ ବୋଲି ଜଣାଇଛନ୍ତି । ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇ-ହେଲ୍‌ଥକେୟାର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଉ ଆଦି ଉଲ୍ଲେଖ ରହିଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବୀପତ୍ରରେ ମୂଳନିବାସୀଙ୍କୁ ଜଳ, ଜମି ଓ ଜଙ୍ଗଲ ଅଧିକାର ଅଗ୍ରାଧିକାର ଭିତ୍ତିରେ ଦିଆଯାଉ । ତେନ୍ତୁଳିଖୁଣ୍ଟି ବ୍ଲକକୁ ଦୁଇ ଭାଗ କରି ଅଞ୍ଚଳଗୁମ୍ମାକୁ ନୂଆ ବ୍ଲକ ଭାବେ ଘୋଷଣା କରାଯାଉ । ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ , ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନାରେ ନବରଙ୍ଗପୁର ଜିଲାରେ କେନାଲ ମାଧ୍ୟମରେ ଚାଷ ଜମିକୁ ଜଳ ଯୋଗାଣ , ନବରଙ୍ଗପୁର ଜିଲାର କୋଟାଗାଁ, ମୈଦଲପୁର, ଧୋଡ୍ରା ଓ ହାଟଭରଣ୍ଡି ଠାରେ ନୂତନ ବ୍ଲକ ସ୍ଥାପନ , ଜିଲାଭିତ୍ତିକ ନିଯୁକ୍ତି ଆଦି ୧୮ ଦଫା ଦାବୀ ଦିଆଯାଇଛି । ସେହିଭଳି ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୮ଦଫାର ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ପରେ ପରିଷଦ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୂଳ ନିବାସୀ ବିକାଶ ପରିଷଦର ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝୀ ସଭାପତିତ୍ୱ କରି ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ଚାରଣ କରିଥିଲେ । ଏଥିରେ ସ୍ୱାଧିନତା ସଂଗ୍ରାମୀ ଦାୟାଦମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକ, ଉଦବତୀ ଜାନୀ, ମଙ୍ଗଳ ପୂଜାରୀ, ଫୁଲେଶ୍ୱରୀ ମାଝୀ, ରବିନ୍ଦ୍ର ନାଥ ମାଝୀ, ହୃଷିକେଶ ହରିଜନ, ମଦନ ଭତ୍ରାଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସାମାଜିକ କର୍ମୀ ଜଗନ୍ନାଥ ଭକ୍ତ, ଦାମୋଦର ପୂଜାରୀ, ନରହରି ନାୟକ, ଉଦର ଗୌଡ, ମୂରଲିଧର ବିଷୋୟୀ, ଚୁନିଲାଲ ସତନାମୀ, ଡମ୍ବୁସିଂ ମାଝୀ ଓ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଶହୀଦ ସଂଗ୍ରାମୀ ଦାୟଦଙ୍କୁ ସମ୍ବର୍ଦ୍ଧିତ


ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ପରିବାର ଅଦାଲତ ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର,୨୨।୧୧(ବି.ପ୍ର.)



ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ଜିଲା ଆଇନଜୀବୀ ସଂଘ ପକ୍ଷରୁ ଅଦାଲତ ପରିସର ସ୍ଥିତ ସମ୍ମିଳନୀ ଗୃହରେ ପରିବାର ଅଦାଲତ ଜଜ୍ ବିକ୍ରମ କୁମାର ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ସମ୍ପାଦକ ରାମ ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଜିଲା ଜଜ୍ ଅଶୋକ ମୁମାର ପଣ୍ଡା, ଏଡିଜେ ପ୍ରଣୟ କୁମାର ଦାଶ, ସିଜେଏମ ରାଜ କିଶୋର ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଏସ. ଶୁଭଲକ୍ଷ୍ମୀ, ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରଶନ୍ନ କୁମାର ବେହେରା, ଏସଡିଜେଏ ଅମିତ କୁମାର ବାରିକ, ରେଜିଷ୍ଟ୍ରର ମନରଞ୍ଜନ ଦାଶ ମଞ୍ଚାସୀନ ଥିଲେ । ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ସି.ଏଚ. ବାବା ଯୁଗନ୍ଦର, ପ୍ରଶନ୍ନ ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧ୍ୟକ୍ଷ ସିମାଞ୍ଚଳ ପାତ୍ର, ସଚ୍ଚିଦାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବିଦାୟୀ ଜଜ୍ ପ୍ରଧାନ ନିଷ୍ଠାର ସହ ତାଙ୍କ ନାୟରକ ଦାୟୀତ୍ୱ ନିର୍ବାହ କରିବା ସହ ଆଇନଜୀବୀଙ୍କ ସହ ଉତ୍ତମ ସମନ୍ୱୟ ରଖିଥିଲେ ବୋଲି କହିଥିଲେ । ନବରଙ୍ଗପୁରରୁ ଏକ ଆତ୍ମିକ ଅନୁଭୂତି ନେଇ ଯାଉଛି । ଯାହାକି ସାରା ଜୀବନ ମନେ ରହିବ ବୋଲି ଜଜ୍ ବିକ୍ରମ କୁମାର ପ୍ରଧାନ କହିଥିଲେ । ଉପ ସଭାପତି ହରିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ



### ଯୁବ କ୍ରିକେଟରଙ୍କୁ ସଫଳତା

ମାଲକାନଗିରି,୨୨।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲାର ସଫଳ ଯୁବ କ୍ରିକେଟ ଖେଳାଳି ପପୁ ସିଂ ମାଲକାନଗିରି ଜିଲାକୁ କ୍ରୀଡା କ୍ଷେତ୍ରରେ ସଫଳତା ଆଣି ଦେଇଛନ୍ତି। ସେ ବର୍ତ୍ତମାନ ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ୧୬ ବର୍ଷରୁ କମ୍ କ୍ରିକେଟ ଟିମର ମ୍ୟାନେଜର ଭାବେ ନିଯୁକ୍ତି ପାଇଛନ୍ତି। ସେ ଗୁଜୁରାଟ ଗସ୍ତ କରି ଓଡିଶା ଟିମ୍‌ର ୪ଟି ମ୍ୟାଚରେ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଏହି ସଫଳତା ପାଇଁ ଜିଲାବାସୀ ଶୁଭେଚ୍ଛା ଜଣାଇଛନ୍ତି।

### ସରପଞ୍ଚଙ୍କୁ ଦାବିପତ୍ର

ଗୋବିନ୍ଦପାଲି, ୨୨।୧୧(ଡି.ଏନ.ଏ.): ମାଲକାନଗିରି ସିଡ୍ୱାଇଏସଡି ଶିଶୁବିକାଶ ପ୍ରକଳ୍ପ ପକ୍ଷରୁ ଗ୍ରାମ୍ୟସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟାସଦସ୍ୟମାନେ ପଞ୍ଚାୟତରେ ହେଉଥିବା ଗ୍ରାମସଭାରେ ଶିଶୁ ସୁରକ୍ଷା ନେଇ ନିଜ ଅଞ୍ଚଳରେ ହେଉଥିବା ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ଏନେଇ ସେମାନେ ସରପଞ୍ଚଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

### ବିଦ୍ୟାଳୟସ୍ତରୀୟ ଗଣିତ,ବିଜ୍ଞାନ ପ୍ରଦର୍ଶନୀ

ମାଲକାନଗିରି,୨୨।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ତଣ୍ଡାପାଲି ପଞ୍ଚାୟତ ଏମ୍.ଭି.-୧୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋରୁକୋଣ୍ଡା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବିନ୍ଦ୍ରକୁମାର ମହାରଣା, ସମ୍ମାନିତ ଅତିଥି ରୂପେ ତଣ୍ଡାପାଲି ସିଆରସିସି ଅରବିନ୍ଦ କୁମାର ଜେନା, ବିଜ୍ଞାନ ସୁପରଭାଇଜର ରବିନ୍ଦ୍ର କୁମାର ଦାସ, ପରିଚାଳନା କମିଟି ଅଧକ୍ଷ ସୁଦେବ ଚୌଧୁରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାଧନା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଉଚ୍ଚକୋଟିର ପ୍ରକଳ୍ପଗୁଡିକ ମନୋନୀତ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରୀତା ଦାସ, କଲ୍ୟାଣୀ ସାହୁ, ଅଭିରାମ ସିଂ, ସଂଯୁକ୍ତା ପ୍ରଧାନ, ବନିତା ସ୍ୱାଇଁ ପରିଚାଳନା କରିଥିଲେ।

### ଚାଲିଛି ଜୁଆଖେଳ, ହାତବାନ୍ଧି ବସିଛି ପୋଲିସ

କାଲିମେଳା,୨୨।୧୧(ଡି.ଏନ.ଏ): ମାଲକାନଗିରି ଜିଲା କାଲିମେଳା ଅଞ୍ଚଳରେ ବେଧଡକ ଭାବେ ଚାଲିଛି ଜୁଆ ଖେଳ । ଦିନ ଦ୍ୱିପହରରେ ଏଭଳି ଖେଳ ଚାଲିଥିଲେ ମଧ ପୋଲିସ ହାତବାନ୍ଧି ବସିଛି। ଏଭଳି ଘଟଣା କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳୁଛି। ଏହି ଖେଳ ଦ୍ୱାରା ଆୟୋଜକମାନେ ଲାଭପାଉଥିବା ବେଳେ ଲୋକେ ତଳିତଳାନ୍ତ ହେଉଛନ୍ତି । ଅଧିକ ଲାଭ ଆଶାରେ ଲୋକେ ଲକ୍ଷାଧିକ ଟଙ୍କା ଜୁଆଖେଳରେ ଲଗାଉଛନ୍ତି। ଏଥିପ୍ରତି ପୋଲିସ ଦୃଷ୍ଟି ଦେବାକୁ ଦାବି ହେଉଛି।

## ■ ଛାତ୍ରୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ ଘଟଣା

# କାହାକୁ ନ ଜଣାଇ ଡାକ୍ତରଖାନାରୁ ଚାଲି ଆସିଲେ

- ■ପ୍ରଶାସନିକ ତଦନ୍ତ ଆରମ୍ଭ
- ■ବିନା ସୁରକ୍ଷାରେ ଚାଲିଥିଲା ଛାତ୍ରୀନିବାସ
- ■ରାତିରେ ଏଠାରେ ରହୁନାହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ



ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ତଦନ୍ତ କରାଯାଉଛି।

କାଲିମେଳା,୨୨।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତର କାଙ୍ଗୁରୁକୋଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ଅପୁ ବୈଦ୍ୟ ଗୁରୁବାର ବିଦ୍ୟାଳୟ ହଷ୍ଟେଲରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଧାନ ଶିକ୍ଷୟିତ୍ରୀ ଏ. ବିଜୟଲକ୍ଷ୍ମୀ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାର ଓପିଡି ନଂ ୩୩୦୦୭। ଆଇପିଡି ନଂ ୬୨୩୨। ସେ ୩ ନଂ. ବେଡରେ ଚିକିତ୍ସିତ ହେଉଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶୁକ୍ରବାର ପୂର୍ବାହ୍ନ୧୧ଟାରେ ଛାତ୍ରୀଙ୍କୁ ନେଇଯାଇଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଛାତ୍ରୀ, ଅଭିଭାବକ କିମ୍ବା ପ୍ରଧାନ ଶିକ୍ଷୟିତ୍ରୀ କେହି ମଧ ଜଣାଇ ନାହାନ୍ତି। କାହାକୁ ନ ଜଣାଇ ଛାତ୍ରୀଙ୍କୁ ନେଇଯିବା ଆଇନ ବିରୋଧୀ। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଛି । ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଏହି ଛାତ୍ରୀ ମେଡିକାଲରୁ ଯିବା ପରେ ସୁସ୍ଥ କି ଅସୁସ୍ଥ ଅଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। କୌଣସି ଛାତ୍ରୀ ଅସୁସ୍ଥ ହେଲେ ତାଙ୍କୁ ସୁସ୍ଥ କରିବା ନିୟମ ଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଅସୁରକ୍ଷିତ ଭାବେ ଛାତ୍ରୀଙ୍କୁ ଲୁଚାଇ ନେଇଗଲେ ତାହା ସନ୍ଦେହ ସୃଷ୍ଟି କରିଛି। ତେବେ ଏହି ଘଟଣା ଜଣାପଡିବା ପରେ ଜିଲା ପ୍ରଶାସନ ତଦନ୍ତ ଆରମ୍ଭ କରିଛି । ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ କାଲିମେଳା ବିଇଓ ଗଙ୍ଗାଧର ପଟ୍ଟନାୟକ କାଙ୍ଗୁରୁକୋଣ୍ଡା ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ସେଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଏ. ବିଜୟଲକ୍ଷ୍ମୀ ଓ ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ତଦନ୍ତ ସମୟରେ ପଟ୍ଟନାୟକ ଉକ୍ତ ଛାତ୍ରୀ ନିବାସରେ ହେଉଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ସୂରାକ ପାଇଥିବା ଜାଣିବାକୁ ମିଳିଛି। ଦୁଇ ସହପାଠୀଙ୍କ ମଧ୍ୟରେ ବ୍ୟକ୍ତିଗତ ଝଗଡାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି । ଘଟଣା ସନ୍ଧ୍ୟା ୭ଟାରେ ଘଟିଥିଲା। ୨ଘଣ୍ଟା ବିଳମ୍ବରେ ଛାତ୍ରୀଙ୍କୁ ଡାକ୍ତରଖାନା ନିଆଗଲା। ଏଥିରୁ ସେ ସମୟରେ ଛାତ୍ରୀନିବାସରେ ମାଟ୍ରନ, ୱାର୍ଡେନ କିମ୍ବା ପ୍ରଧାନଶିକ୍ଷୟିତ୍ରୀ କେହି ନ ଥିବା ସ୍ପଷ୍ଟ ହେଉଛି। ସରକାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପଢୁଥିବା ଛାତ୍ରୀଙ୍କ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏଠାରେ କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱ ଠିକ୍ ରୂପେ ନିର୍ବାହ କରୁନାହାନ୍ତି। ଫଳରେ ଏପରି ଘଟଣା ଘଟିଲା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଇଓ ଗଙ୍ଗାଧର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଦୁଇଛାତ୍ରୀଙ୍କ ଝଗଡାକୁ କେନ୍ଦ୍ର କରି ଏପରି ଘଟଣା ଘଟିଛି । ବିଦ୍ୟାଳୟରୁ ତଦନ୍ତ ସାରି ଛାତ୍ରୀଜଣକ ଚିକିତ୍ସିତ ହେଉଥିବା ମେଡିକାଲକୁ ଦିନ ୧୨ଟାରେ ଯାଇଥିଲି, ସେଠାରେ ଛାତ୍ରୀଙ୍କୁ ପାଇ ନ ଥିଲି। ମୁଁ ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ଦେଇଛି । ସେ ଯାହା ପଦକ୍ଷେପ ନେବେ ବୋଲି ପଟ୍ଟନାୟକ କହିଛନ୍ତି।



ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି।

## ନଷ୍ଟ କରାଗଲା ୧୦ କୋଟି ଟଙ୍କାର ଗଞ୍ଜେଇ ଗଛ

କୋରୁକୋଣ୍ଡା ୨୨।୧୧ (ଡ଼ି.ଏନ.ଏ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ କେତୋକ ଗ୍ରାମରେ ହେଉଥିବା ବେଆଇନ ଗଞ୍ଜେଇ ଚାଷକୁ ଅବକାରୀ ବିଭାଗ,ବନ ବିଭାଗ ଓ ପୋଲିସ ପକ୍ଷରୁ ଶୁକ୍ରବାର ନଷ୍ଟ କରାଯାଇଛି। ମାଲକାନଗିରି ଅବକାରୀ ବିଭାଗ, ଚିତ୍ରକୋଣ୍ଡା ଥାନା, ତହସିଲ ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ଚିତ୍ରକୋଣ୍ଡାର ହରିପୁର, ଆମ୍ବପଦର ଏବଂ ମୁଦୁଲିଗୁଡ଼ା ଗ୍ରାମରେ ଏହି ଚଢାଉ ହୋଇଥିଲା। ପାଖାପାଖି ୬୫ ଏକର ଜଙ୍ଗଲ ଜମିରେ ହୋଇଥିବା ଗଞ୍ଜେଇ ଚାଷ କାଟି ନଷ୍ଟ କରାଯାଇଛି। ପରେ ସେଗୁଡିକୁ ନିଆଁ ଲଗେଇ ପୋଡା ଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୦ କୋଟି ଟଙ୍କା ହେବ। ଚଢ଼ାଉରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ଜୟପୁର ଅଞ୍ଚଳର ଅବକାରୀ ବିଭାଗକୁ ନିଆଯାଇ ଗଢାଯାଇଥିବା ଏକ ଟିମ ସାମିଲ ହୋଇଥିଲା। ତେବେ ଦୀର୍ଘ ଦିନ ଧରି ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇ ଆସୁଥିଲେ ମଧ ସ୍ଥାନୀୟ ଅବକାରୀ ବିଭାଗ କିପରି ଜାଣିପାରୁନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ■ ଜିଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ

# ଅବିଭକ୍ତ କୋରାପୁଟ ଜିଲାର ଥିଲେ ବୀର ସଂଗ୍ରାମୀ



ଉତ୍ସବରେ ମଞ୍ଚାସୀନ ଅତିଥି।

ମାଲକାନଗିରି, ୨୨।୧୧ (ଡି.ଏନ.ଏ./ସ୍ୱ.ପ୍ର)

ମାଲକାନଗରି ଜିଲା ସଦର ମହକୁମାସ୍ଥିତ କନିଷ୍ଠ ମହିଳା ମହାବିଦ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅଧକ୍ଷ ଦୁଷନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମାନସ ମାଡ଼କାମି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅତିଥିମାନେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଲକ୍ଷ୍ମଣ ନାୟକ ଥିଲେ ଅବିଭକ୍ତ କୋରାପୁଟ ଜିଲାର ବୀର ସଂଗ୍ରାମୀ। ଏକ ସାଧାରଣ ଆଦିବାସୀ ପରିବାରରେ ଜନ୍ମ ନେଇ ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ। ଦେଶକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖି ସେ ଇଂରେଜ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାରତ ଛାଡ଼ ଆନ୍ଦୋଳନ ସମୟରେ ମାଥିଲି ଥାନା ଉପରେ ତ୍ରିରଙ୍ଗା ଉଡ଼ାଇବାକୁ ଯାଇ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁରେ ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ତାଙ୍କୁ ଇଂରେଜ ସରକାର ଫାଶୀ ଦେଇଥିଲେ। ତାଙ୍କ ବଳିଦାନ ଭାରତର ଇତିହାସରେ ଯୁଗ ଯୁଗ ଧରି ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

ପଡିଆ, ୨୨।୧୧(ଡି.ଏନ.ଏ.)

ମାଲକାନଗିରିଜିଲା ପଡିଆ ଥାନା ଅନ୍ତର୍ଗତ ମୋଟେରୁ ପଞ୍ଚାୟତର ତେଗାଡପାଲି ଗ୍ରାମର ନଳା ମାଡି (୨୫) ଙ୍କ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗୁରୁବାର ନଳା ପଡିଆଠାରୁ ୩କିମି ଦୂରରେ କମାରଗୁଡା ଗାଁରେ ହେଉଥିବା ହାଟକୁ ଯାଉଥିଲେ। ସିମିଳିବାଞ୍ଚା ରାସ୍ତାରେ ଏକ ଖାଲରେ ସେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ହାଟକୁ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଡା. ବୃଦ୍ଧିକେଶ୍ୱର ମାଝି ନଳାଙ୍କ ପ୍ରାଥମିକ ଚିକିତ୍ସା କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦେଖି ତାଙ୍କୁ ମାଲକାନଗିରିରୁ କୋରାପୁଟ ପଠାଯାଇଥିଲା। କୋରାପୁଟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଧାନ ଖରିଦ କଲା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ମାଲକାନଗିରି,୨୨।୧୧ (ଡି.ଏନ୍.ଏ.)

ମାଲକାନଗିରି ଜଲାରେ ଗତ ୧୬ରୁ ଚଳାଣଗୁଡାରେ ଧାନମଣ୍ଡି ଉଦ୍‌ଘାଟନ ହୋଇଛି। ଉକ୍ତ ମଣ୍ଡିରେ ଶୁକ୍ରବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ ଖରିଦ କରା ଯାଇଛି। ଏହି ମଣ୍ଡିରେ ଲକ୍ଷ୍ମୀଦେବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଟୋକନ ପାଇଥିବା ୬୭ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ପ୍ରତି ଚାଷୀ ୩୦ କୁଇଣ୍ଟାଲ ଲେଖାଏ ଧାନ ବିକ୍ରି କରିବା ନେଇ ବ୍ୟବସ୍ଥା ହୋଇଥିଲା। ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାନର ମାନ ଯାଞ୍ଚ କରାଯାଇ ଧାନ କିଣାଯାଇଛି।

## ଆର୍ଥିକ ସ୍ୱାକ୍ଷରତା ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

କାଲିମେଳା,୨୨।୧୧(ଡି.ଏନ.ଏ)

କାଲିମେଳା ପଞ୍ଚାୟତ ସମିତି ସଭାଗୃହରେ ଷ୍ଟେଟବ୍ୟାଙ୍କ ପକ୍ଷରୁ ଏକ ଆର୍ଥିକ ସ୍ୱାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଅଧୀନରେ ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। । ଦୁର୍ଗମ ଅଞ୍ଚଳରେ କିଭଳି ନୂତନ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରାଯାଇ ବ୍ୟାଙ୍କିଂ ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଇ ହେବ ସେ ନେଇ ଭାରତୀୟ ଷ୍ଟେଟବ୍ୟାଙ୍କର ଭୁବନେଶ୍ୱରରୁ ଆସିଥିବା ଉପ ମହାପ୍ରବନ୍ଧକ ଅରୁଣ କୁମାର ଅଗ୍ରୱାଲ ବୁଝାଇଥିଲେ। ଶିବିରରେ ବିଡିଓ ଉମା ଶଙ୍କର ଦଳାଇ, ମାଲକାନଗିରିର ବ୍ୟାଙ୍କ ଅଧିକାରୀ ପ୍ରଶାନ୍ତ ଦାସ, ଆର୍ଥିକ ସ୍ୱାକ୍ଷରତା ସଂଯୋଜକ ସତ୍ୟ ନାରାୟଣ ଅଧିକାରୀ, ଜୟପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପପ୍ରବନ୍ଧକ ଆଲୋକ କୁମାର, ଓଡିଶା ଜୀବିକା ମିଶନ ଅଧିକାରୀ ରୋଜାଲିନ ଦାସ, ଜୀବିକା ମିଶନ ସଂଯୋଜକ ଦୀପକ ବାଇନ, କୌଶଳ ଦକ୍ଷତା ବିକାଶ ସଂଯୋଜକ ରତନ ଗୋଲଦାର ପ୍ରମୁଖ ଉପସ୍ଥିତ ଥିଲେ। କାଲିମେଳା ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

## ପରବରେ ମାଲକାନଗିରି ହୋମିଓପାଥିକ୍ ସଂଘ ପ୍ରଶଂସିତ



ପରବରେ ସମ୍ମାନିତ ହୋଇଥିବା ସଂଘ କର୍ମକର୍ତ୍ତାମାନେ।

ମାଲକାନଗିରି,୨୨।୧୧ (ଡି.ଏନ୍.ଏ.)

କୋରାପୁଟରେ ଅନୁଷ୍ଠିତ ଜିଲାସ୍ତରୀୟ ପରବ ଉତ୍ସବରେ ମାଲକାନଗିରି ଜିଲାର ହୋମିଓପ୍ୟାଥିକ ଡାକ୍ତର ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର କରାଯାଇଥିଲା। ଏଥିରେ ମାଲକାନଗିରି ଜିଲାର ହୋମିଓପ୍ୟାଥିକ ଡାକ୍ତରମାନେ ଉପସ୍ଥିତ ରହି ସେବା ଯୋଗାଇ ଥିଲେ । ଡାକ୍ତରମାନଙ୍କ ଏପରି ଜନସେବା ପରବରେ ପ୍ରଶଂସା କରାଯାଇ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟରେ ସଂଘର ସଙ୍ଗଠନ ସଭାପତି ବିଜୟ କୁମାର ବିଶ୍ୱାସ, ସମ୍ପାଦକ ଗଣେଶ ବିଶ୍ୱାସ, ଅନିତା ମହାପାତ୍ର, ହଜାରି ବିଶ୍ୱାସ, ରେଖା ମୁଖାର୍ଜୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ପଡିଆରେ ଗାଡି ପଞ୍ଜୀକରଣ, ଲାଇସେନ୍ସ ପ୍ରଦାନ କାର୍ଯ୍ୟକ୍ରମ

ପଡିଆ,୨୨।୧୧ (ଡି.ଏନ୍.ଏ.)

ନୂତନ ସଡକ ପରିବହନ ନିୟମ କାର୍ଯକାରିତାକୁ ସରକାର ୩ମାସ ସ୍ଥଗିତ ରଖିଥିଲେ। ଏହାର ଅବଦ୍ଧି ଶେଷ ହୋଇ ଆସିଲାଣି। ଆସନ୍ତା ୧ରୁ ରାଜ୍ୟରେ ପୁଣି ଗାଡିମୋଟର ଯାଞ୍ଚ କଡାକଡି ହେବ। ଏହାକୁ ଦୃଷ୍ଟିରେ ରଖି ଯେଉଁ ଚାଳକମାନେ ସେମାନଙ୍କ ଗାଡି ଗୁଡିକର ଚାଳକ ଲାଇସେନ୍ସ, ଗାଡି ପଞ୍ଜୀକରଣ, ପଲ୍ୟୁଶନ୍ ଯାଞ୍ଚ ଏବଂ ଇନ୍‌ସୁରାନ୍ସ କରିନାହାନ୍ତି ସେମାନେ ଅସୁବିଦାରେ ପଡିବେ। ଏଥିପାଇଁ ଏବେ ମାଲକାନଗିରି ଆର୍‌ଟିଓ କାର୍ଯ୍ୟାଳୟରେ ପ୍ରତ୍ୟହ ଭିଡ ହେଉଛି। ଭିଡ ହ୍ରାସ କରିବା ଲାଗି ଶୁକ୍ରବାର ପରିବହନ ବିଭାଗ ତରଫରୁ ମାଲକାନଗିରି ଜିଲାର ପଡିଆ ବ୍ଲକ ସଦର ମହକୁମାରେ ଏକ ଶିବିର କରାଯାଇ ଚାଳକମାନଙ୍କ ଗାଡି କାଗଜପତ୍ର ଠିକ୍ କରାଯାଉଛି। ଆଜି ଏହି କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ସନତ କୁମାର ଜେନା, ଅରୁଣ ମହାରଣା, ଦୀପଙ୍କର ମିଶ୍ର, ଗୋବିନ୍ଦ ରାୟ, ବିକାଶ କୁମାର ମଣ୍ଡଳ, କେ. ଚନ୍ଦ୍ରଶେଖର ରାଓ, ମନୋଜ କୁମାର ପ୍ରମୁଖ ସାମିଲ ହୋଇଛନ୍ତି। ସନ୍ଧ୍ୟାସୁଦ୍ଧା ଶତାଧିକ ଗାଡିର କାଗଜପତ୍ର ଠିକ୍ କରାଯାଇଥିବା ଜଣାପଡିଛି।

# ୪୩ କେଜି ଗଞ୍ଜେଇ ଜବତ, ୪ ଗିରଫ

କୋରୁକୋଣ୍ଡା,୨୨।୧୧(ଡି.ଏନ.ଏ.)



ଗଞ୍ଜେଇ ଜବତ ଓ ଗିରଫ ୪ ଅଭିଯୁକ୍ତ।

ମାଲକାନଗିରି ଜିଲା ଓର୍କେଲ ଥାନା ପୋଲିସ ଶୁକ୍ରବାର ୩ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ରାଞ୍ଚି ଲାରା ଅଞ୍ଚଳର ଶେଖର କୁମାର ଗିରି(୨୯) ପୁଣେ ରାମନଗରର ବିନୋଦ ଗଣେଶ ରେଡି(୩୩) ଓ ସୋଲାରପୁର ବାର୍ଷି ଅଞ୍ଚଳର ଅନିଲ ଶର୍ମା (୨୩) ଓ କୋରାପୁଟର ଦୁଃଶାସନ ପୂଜାରୀ(୩୧)। ଗୁରୁବାର ସନ୍ଧ୍ୟାରେ ଓରକେଲ ଥାନା ଏସଆଇ କୃଷ୍ଣା କୁମାରୀ ପ୍ରଧାନ ବାଲିମେଳା ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏମାନେ ୨ଟି ସ୍ଥାନରେ ବ୍ୟାଗ ଧରି ଛିଡା ହୋଇଥିବା ଦେଖିଥିଲେ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ପଚରାଉଚରା କରିବାକୁ ସେମାନଙ୍କୁ ଯାଇଥିଲା। ତେବେ ପୋଲିସ ସେମାନଙ୍କ ପାଖକୁ ଅସୁଥିବା ଜାଣି ଅଭିଯୁକ୍ତମାନେ ସେଠାରୁ ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପିଛା କରି ପୋଲିସ ସେମାନଙ୍କୁ କାବୁ କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ ସୂଚନା ଦେଇଛନ୍ତି। ସେମାନେ ଏହି ଗଞ୍ଜେଇକୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାକୁ ନେଉଥିବା ପଚରାଉଚରା ବେଳେ କହିଛନ୍ତି। ୨ଟି ବ୍ୟାଗରେ ମୋଟ ୪୫ କେଜି ଗଞ୍ଜେଇ ରହିଥିବା ଜଣାପଡିଛି। ଏହାର ମୂଲ୍ୟ ୧ ଲକ୍ଷ ୩୦ ହଜାର ଟଙ୍କ ହେବ। କେସ୍ ନଂ. ୨୦୨/୧୯ ମାମଲାରେ ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପଡିଆ ଥାନାଧିକାରୀ ଜଗଦୀଶ ବାରା କହିଛନ୍ତି।

# ପ୍ରେମିକଙ୍କୁ ବିବାହ କରିବାକୁ ଅନୁମତି ଦେଲେ ସ୍ୱାମୀ

## ୪ବର୍ଷ ଘର ସଂସାର କରିଥିଲେ

ମାଲକାନଗିରି,୨୨।୧୧ (ଡି.ଏନ୍.ଏ.)

୪ବର୍ଷ ଧରି ଜଣେ ବ୍ୟକ୍ତିଙ୍କୁ ବିବାହ କରି ଘରସଂସାର କଲେ ମଧ ପ୍ରେମ ନିକଟରେ ସେସବୁ ହୋଇଛି ତୁଚ୍ଛ। ଜଣେ ମହିଳା ବିବାହ କରି ମଧ ନିଜ ପ୍ରେମିକଙ୍କୁ ଭୁଲିପାରିନାହାନ୍ତି। ଶେଷରେ ସେ ଭଲ ପାଉଥିବା ଯୁବକଙ୍କୁ ବିବାହ କରିବାକୁ ତାଙ୍କ ସ୍ୱାମୀ ଅନୁମତି ଦେଇଛନ୍ତି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଏମ୍.ଭି.-୮୪ ଗ୍ରାମରେ ।

ଖବରରୁ ଜଣାପଡିଛି ଏମ୍.ଭି.-୮୪ ଗ୍ରାମର ବିବେକ ବୈରାଗୀଙ୍କ ପୁଅ ବିକାଶ (୩୦) ଚଳାଣଗୁଡା ପଞ୍ଚାୟତ ଏମ୍.ଭି.-୪୪ ଗ୍ରାମର ହରିଣ ସରକାରଙ୍କ ଝିଅ ଜ୍ୟୋସ୍ନା ସରକାର (୨୨)ଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଛି। ମାତ୍ର ଜ୍ୟୋସ୍ନା ବିବାହ ପୂର୍ବରୁ ତଣ୍ଡାପାଲି ପଞ୍ଚାୟତ ଏମ୍.ଭି.-୧୫ ଗ୍ରାମର ଠାକୁର ରାୟଙ୍କ ପୁଅ ବିଜୟ ରାୟଙ୍କୁ ଭଲ ପାଉଥିଲେ । ବିବାହ ପରେ ମଧ ଜ୍ୟୋସ୍ନା ବିଜୟଙ୍କ ସହ ସମ୍ପର୍କ ରଖିଥିଲେ। ଫୋନରେ ତାଙ୍କ ସହ କଥା ହେଉଥିଲେ। ବିଜୟଙ୍କୁ ଭଲ ପାଉଥିବା ଏବଂ ଫୋନ କଥା ହୋଇ ସମ୍ପର୍କ ରଖିଥିବା ସ୍ୱାମୀ ବିକାଶ ସମୟକ୍ରମେ ଜାଣି ପାରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଶେଷରେ ସମସ୍ୟାର ସମାଧାନ ଲାଗି ବିକାଶ ଜ୍ୟୋସ୍ନା ଉଭୟେ ଆଲୋଚନା କରିଥିଲେ। ଜ୍ୟୋସ୍ନା ମଧ ନିଜ ପ୍ରେମିକ ବିଜୟଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରଥିଲେ। ଏହାକୁ ସମ୍ମତି ଦେଇଥିଲେ ବିକାଶ। ଶୁକ୍ରବାର ଜ୍ୟୋସ୍ନା ଙ୍କ ବାପା, ସ୍ୱାମୀ ଓ କେତେକ ଗ୍ରାମବାସୀ ମାଲକାନଗିରି ଥାନାକୁ ଆସି ଏ ସମ୍ପର୍କରେ ଥାନା ଅଧିକାରୀ ରାମପ୍ରସାଦ ନାଗଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଭବିଷ୍ୟତରେ ଯଦି ଜ୍ୟୋସ୍ନାଙ୍କ କୌଣସି ଅସୁବିଧା ସୁବିଧା ହୁଏ କିମ୍ବା ତାଙ୍କର ମୃତ୍ୟୁ, ଅବା ସେ ହଜିଯିବା ପରି ଘଟଣା ଘଟେ ସେଥିପାଇଁ ବିକାଶ ଦାୟୀ ରହିବେ ନାହିଁ ବୋଲି ଉଲ୍ଲେଖ ରହିଛି। ସେହିପରି ଯଦି ବିକାଶଙ୍କର ମଧ କୌଣସି ଅସୁବିଧା ହୁଏ ତେବେ ସେଥିପାଇଁ ଜ୍ୟୋସ୍ନା ଦାୟୀ ରହିବେ ନାହିଁ। ମାଲକାନଗିରି ପୋଲିସ ଏହି ରିପୋର୍ଟ ପାଇବା ପରେ ଏମ୍.ଭି.-୧୫ ଗ୍ରାମର ଜ୍ୟୋସ୍ନାଙ୍କ ପ୍ରେମିକଙ୍କୁ ଥାନାକୁ ଡକାଇଛି। ସେ ଆସିବା ପରେ ଜ୍ୟୋସ୍ନା ତାଙ୍କ ସହିତ ଚାଲିଯିବେ ବୋଲି କହିଛନ୍ତି। ଉଭୟ ପକ୍ଷର ଲେଖାପଢା ପରେ ଆଶାଲତା ବୈଦ୍ୟ, ଲକ୍ଷ୍ମୀକାନ୍ତ ମଣ୍ଡଳ, ବାପି ମଣ୍ଡଳ, ବୃହସ୍ପତି ବୈରାଗୀ ସାକ୍ଷୀ ରହିଛନ୍ତି। ତେବେ କନ୍ୟା ସନ୍ତାନଟି କାହା ପାଖରେ ରହିବ ସେ ନେଇ ବର୍ତ୍ତମାନ ସୁଦ୍ଧା ନିଷ୍ପତ୍ତି ନିଆଯାଇନାହିଁ। ପୋଲିସ ପରାମର୍ଶକ୍ରମେ ଉଭୟେ କୋର୍ଟରେ ଛାଡପତ୍ର ଆବେଦନ କରିଛନ୍ତି। ଜ୍ୟୋସ୍ନା ଙ୍କ ବାପା ଜ୍ୟୋସ୍ନା ଓ ତାଙ୍କ ଝିଅକୁ ନିଜ ଘରକୁ ନେଇ ଯାଇଛନ୍ତି।

## ସଂକ୍ଷେପରେ

### ଅଳିଆଗଦାରୁ ନବଜାତକ ଉଦ୍ଧାର



ଗୁଡାରୀ, ୨୨।୧୧(ଡି.ଏନ.ଏ.)- ଗୁଡାରୀ ସରକାରୀ ହାଇସ୍କୁଲ ପରିସରରେ ଥିବା ଅଳିଆ ଗଦାରୁ ଶୁକ୍ରବାର ଏକ ନବଜାତ ଶିଶୁପୁତ୍ରକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଏହାପରେ ସେମାନେ ଶିଶୁପୁତ୍ରଟିକୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରକାଶଯେ, ଶୁକ୍ରବାର ସକାଳ ପ୍ରାୟ ୯ଟାରେ ହଠାତ୍ ପିଲାଟିର କାନ୍ଦିବା ସ୍ୱର ଶୁଭିଥିଲା। ସାହିଲୋକେ ସେଠାରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଡା. ସୌମ୍ୟରଞ୍ଜନ ପାତ୍ର ଶିଶୁପୁତ୍ରଟିର ଚିକିତ୍ସା ଆରମ୍ଭ କରିଥିଲେ। ଶିଶୁଟିକୁ ବିସିଜି ଓ ପୋଲିଓ ବୁନ୍ଦା ଦିଆଯାଇଥିଲା। ଶିଶୁଟି ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ଶିଶୁର ଓଜନ ୨କି.ଗ୍ରା. ରହିଛି। ରାୟଗଡା ଏସ୍ଏନ୍ସିୟୁକୁ ପଠାଯାଇଛି । ଗୁଡାରୀ ପୋଲିସ ଘଟଣାର ତଦନ୍ତ କରୁଛନ୍ତି।

### ଗୁଣପୁରରେ ପିଆଜ କିଲୋ ୭୫

ଗୁଣପୁର,୨୨।୧୧(ଡି.ଏନ୍.ଏ.)- ପିଆଜ ଦର ଏବେ ସବୁଠି ଆକାଶ ଛୁଆଁ। ରାୟଗଡା ଜିଲା ଗୁଣପୁରରେ ପିଆଜ କିଲୋ ପିଛା ୭୫ରୁ ଊର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ପ୍ରଶାସନ ଏବଂ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବାରୁ ତାହା ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବର୍ତ୍ତମାନ ବିବାହ ଏବଂ ବ୍ରତଘରର ଋତୁ। ତେଣୁ ଆଗକୁ ପୁଣି ଏହି ଦର ବଢ଼ିବ ବୋଲି ଦୋକାନି ମାନେ କହୁଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ କହିଛନ୍ତି।

### ଟ୍ରାଫିକ ସିଗନାଲର ଲୁହାଖୁଣ୍ଟି ଚୋରି

ଟିକିରି, ୨୨।୧୧(ଡି.ଏନ୍.ଏ.)- କାଶୀପୁର ବ୍ଲକ ପିଡବ୍ଲ୍ୟୁଡିମୁଖ୍ୟ ରାସ୍ତା ପାର୍ଶ୍ୱରେ ପୋତା ଯାଇଥିବା ଟ୍ରାଫିକ ସିଗନାଲର ଲୁହାଖୁଣ୍ଟିମାନ ଚୋରି ହେଉଥିବା ଅଭିଯୋଗ ହୋଇଛି। ରୂପକଣାଠାରୁ କାଶୀପୁର ବ୍ଲକ ସଦର ଅଭିମୁଖି ଲମ୍ବିଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ଟ୍ରାଫିକ ଖୁଣ୍ଟିମାନ ଦିନକୁ ଦିନ ଉଭେଇଯାଉଛି। ଗାଡି ଚାଳକଙ୍କ ସତର୍କ କରିବା ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ବୁଲାଣି ସ୍ଥାନମାନଙ୍କରେ ଟ୍ରାଫିକ ଖୁଣ୍ଟିମାନ ପୂର୍ତ୍ତବିଭାଗ ପକ୍ଷରୁ ପୋତାଯାଇଥିଲା। ଦୁର୍ବୃତ୍ତମାନେ ଲୁହାଖୁଣ୍ଟିମାନ କାଟି ନେଉଥିବାରୁ ଗାଡିଚାଳକମାନେ ବୁଲାଣି ରାସ୍ତାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋରଖପୁରଠାରୁ ବଡମାରିଭଟା ଗ୍ରାମ ମଧ୍ୟରେ ପ୍ରାୟ ୩କିମି ଦୂରତା ମଧ୍ୟରେ ଥିବା ସମସ୍ତ ଟ୍ରାଫିକ ସିଗନାଲ ଲୁହାଖୁଣ୍ଟି ଦୁର୍ବୃତ୍ତମାନେ କାଟି ନେଇଯାଇଥିବା ଅଭିଯୋଗ ହୋଇଛି। ପୂର୍ତ୍ତବିଭାଗ ଏବଂ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

### ଗୋଷ୍ଠୀ ସଂଘର୍ଷରେ ୬ ଆହତ

ଶେରଗଡ଼,୨୨।୧୧(ଡି.ଏନ୍.ଏ.)- ଶେରଗଡ଼ ବ୍ଲକ ବି.ବ୍ରହ୍ମପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାରୁ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୋଟିଏ ଗୋଷ୍ଠୀର ଯୋଗେନ୍ଦ୍ର ପ୍ରଧାନ, ଜିତୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ଅନ୍ୟଗୋଷ୍ଠୀର ଯୋଗେନ୍ଦ୍ର ପୌଡ, ନାରସୁ ଗୋଡ଼, କୁମାର ଗୌଡ଼ା। ପୂର୍ବ ଶତ୍ରୁତାରୁ ଏହି ସଂଘର୍ଷ ଘଟିଥିବା ଜଣାପଡିଛି।

■ଯୁବକଙ୍କୁ ଅପହରଣ ଘଟଣା

# ୩ ନାବାଳକଙ୍କ ସମେତ ୬ ଧରାପଡ଼ିଲେ

■ ଅପହରଣରେ ବ୍ୟବହୃତ ବୋଲେରୋ ସହ ମାରଣାସ୍ତ୍ର ଜବତ

■ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଧରାଯିବ:ଏସ୍ପି

ରାୟଗଡ଼ା ଅଫିସ, ୨୨।୧୧

ଜଣେ ଯୁବକଙ୍କୁ ଅପହରଣ ଘଟଣାରେ ଶୁକ୍ରବାର ରାୟଗଡ଼ା ପୋଲିସ ହାତରେ ୬ଜଣ ଧରା ପଡିଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ନାବାଳକ ଅଛନ୍ତି। ଅଭିଯୁକ୍ତମାନେ ହେଲେ ଚାନ୍ଦିଲି ଥାନା ଅଧୀନ କୋତାପେଟା ରେଲି ସାହିର ସୁଣ୍ଡି ପ୍ରକାଶ(୩୫), ଜି . ସୁରେନ୍ଦ୍ର (୩୪) ସୁଣ୍ଡି ସୁରୋଜ (୨୦)। ଯୁବକଙ୍କୁ ଅଟକ ରଖିଥିବା ସ୍ଥାନରେ ପୋଲିସ ପହଞ୍ଚି ଅପହରଣରେ ସାମିଲ ଥିବା ୬ଜଣଙ୍କୁ ଧରିବାରେ ସଫଳ ହୋଇଛି। ଘଟଣାସ୍ଥଳରୁ ପୋଲିସ ଗୋଟିଏ ବୋଲେରୋ, ଗୋଟିଏ ଅଟୋ, ଗୋଟିଏ ସ୍କୁଟି, ଗୋଟିଏ ବନ୍ଧୁକ, ୨ଟି ଗୁଳି, ୩ଟି ଟାଙ୍ଗିଆ, ଗୋଟିଏ ଖଣ୍ଡା, ଗୋଟିଏ କାତି, ଲୁହ ରଡ଼ ସମେତ ୩ଟି ମୋବାଇଲ ଫୋନ ଜବତ କରିଛି ବୋଲି ରାୟଗଡ଼ା ଏସ୍ପି ସର୍ବଣା ବିବେକ ଏମ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍ପି କହିଛନ୍ତି।



ଏସ୍ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ପ୍ରକାଶଯେ, ସୁବର୍ଣ୍ଣପୁର ଜିଲା ଏସ୍.ରାମପୁର ଥାନା ଅଞ୍ଚଳର ପଞ୍ଚାନନ ପୂଜାରୀଙ୍କ ପୁଅ ବିଭୂତି ଗତ ୧୯ ତାରିଖରେ ଧାନବାଦ ଆଲେପି ଏକ୍ସପ୍ରେସରେ ବିଶାଖାପାଟଣାରୁ ଟିଟିଲାଗଡ଼ ଅଭିମୁଖେ ଯାଉଥିଲେ। ଏହି ଟ୍ରେନରେ ଥିବା କିଛି ଯୁବକ ଲାଡ଼ା ଷ୍ଟେସନ ନିକଟରେ ଚେନ୍ ପୁଲିଙ୍ଗ କରିବା ସହ ବିଭୂତିଙ୍କୁ ଅପହରଣ କରି ଏକ ବୋଲେରୋରେ ନେଇଯାଇଥିଲେ। ସେମାନେ ବିଭୂତିଙ୍କୁ ବାରିଖୋଲା ନିକଟସ୍ଥ ଏକ ଜଙ୍ଗଲରେ ରଖିବା ସହ ତାଙ୍କ ମୋବାଇଲ୍ରୁ ପଞ୍ଚାନନଙ୍କୁ ଫୋନକରି ୧୦ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ପୁଅକୁ ମାରିଦେବୁ ବୋଲି ଅପହରଣକାରୀମାନେ ଧମକ ଦେଇଥିଲେ। ପଞ୍ଚାନନ ଏ ନେଇ ରାୟଗଡ଼ା ଟାଉନ ପୋଲିସକୁ ଜଣାଇବା ସହ ଏକ ଏତଲା ଦେଇଥିଲେ। ପୋଲିସ ଉକ୍ତ ଫୋନ୍ ନମ୍ବର ଟ୍ରାକ କରିଥିଲା। ପରେ ଏସ୍ପି ସର୍ବଣା ବିବେକ ଏମ୍ଙ୍କ ନେତୃତ୍ୱ ଓ ଏସ୍ଡ଼ିପିଓ ତପନ ନାରାୟଣ ରଥ, ଆଇଆଇସି ନିହାର ରଞ୍ଜନଙ୍କ ତତ୍ତ୍ୱାବଧାନରେ ଏକ ଟିମ ବିଭୂତିଙ୍କୁ ରଖାଯାଇଥିବା ସ୍ଥାନରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଘଟଣାସ୍ଥଳରେ ଥିବା ୬ଜଣଙ୍କୁ ଧରିଥିଲେ। ଏ ନେଇ ୪୨୫/୧୯ରେ ରାୟଗଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୫ଜଣଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଏସ୍ପି କହିଛନ୍ତି।

# ଜୟନ୍ତୀରେ ଶହୀଦଙ୍କ ସ୍ମୃତିଚାରଣ



ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାପାଳ ଓ ଅନ୍ୟମାନେ।

ରାୟଗଡ଼ା ଅଫିସ, ୨୨।୧୧

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ରଇତ କଲୋନୀ ଶାସ୍ତ୍ରୀ ନଗରସ୍ଥିତ ଶହୀଦଙ୍କ ପ୍ରତିମୂତର୍ତ୍ତିରେ ଜିଲାପାଳ ପ୍ରମୋଦ କୁମାର ବେହେରା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଶାସ୍ତ୍ରୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସାଧାରଣ ସଭା କରାଯାଇଥିଲା। ଏଥିରେ ଜିଲାପାଳଙ୍କ ସମେତ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଖବରଦାତା ବାଦଲତା , ବୁଦ୍ଧିଜୀବୀ ଜୟରାମ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସହ ଜିଲାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

■ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ସଭାପତି ନିର୍ବାଚିତ

# ଅନିଲ ସାହୁକାର ପୁଣି ଭାଜପା ନଗର ସଭାପତି



ଅନିଲ ସାହୁକାର ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

ଗୁଣପୁର,୨୨।୧୧(ଡି.ଏନ୍.ଏ.)

ଗୁଣପୁର ଭାଜପା ନଗର ସଭାପତି ଭାବେ ଅନିଲ ସାହୁକାର ପୁନଃ ନିର୍ବାଚିତ ହୋଇଛନ୍ତି। ପଦ୍ମପୁରର ବ୍ଲକ କେନ୍ଦୁଗୁଡାରେ ଦଳ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପ୍ରମାଣପତ୍ର ଶୁକ୍ରବାର ପ୍ରଦାନ କାରଯାଇଛି। ଦଳର ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ଏମ୍ପି ଅନନ୍ତ ନାୟକ ଅନିଲ ସାହୁକାରଙ୍କୁ ନଗର ସଭାପତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ମୋର୍ଚ୍ଚାର ଜାତୀୟ ଉପସଭାପତି କାଳିରାମ ମାଝି, ଜିଲା ସଭାପତି ଶିବ ଶଙ୍କର ଉଲାକା ଓ ଗୁଣପୁର ନିର୍ବାଚନ ଅଧିକାରୀ ହରେକୃଷ୍ଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଅନିଲ ସାହୁକାର ୨୦୧୭ରୁ ନଗର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଚଳିତ ଥର ଏହି ପଦ ପାଇଁ ଅନୀଲଙ୍କ ସମେତ ୱାଇ. ଗଣପତି ରାଓ, ଶ୍ରୀନିବାସ ସ୍ୱାଇଁ ଏବଂ ପି.ନାଗରାଜୁ ପ୍ରମୁଖ ଦାବିଦାର ରହିଥିଲେ। ଦଳ କିନ୍ତୁ ଅନିଲଙ୍କ ପ୍ରତି ଆସ୍ଥା ପ୍ରକଟ କରି ତାଙ୍କୁ ପୁନଃ ସଭାପତି ଭାବେ ନିର୍ବାଚିତ କରିଛି। ସେହିପରି ଗୁଣପୁରର ଡମ୍ବସରା ମଣ୍ଡଳ ସଭାପତି ଭାବେ ଶ୍ରୀଧର ଶବର, ପଦ୍ମପୁର ବ୍ଲକ ସଭାପତିଶଭାବେ ଜି.ରାମକ୍ରିଷ୍ଣାଙ୍କୁ ମନୋନିତ କରାଯାଇଛି। ଉଡରା ସାହୁ ଆଖୁସିଂ ମଣ୍ଡଳ ସଭାପତି, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଗୁଡାରୀ ଏନ୍ଏସି ସଭାପତି, ମାଝି ଶବର ଗୁଡାରି ଗ୍ରାମୀଣ ମଣ୍ଡଳ, ମିଟୁ ପ୍ରଧାନ ଚନ୍ଦ୍ରପୁର ବ୍ଲକ ସଭାପିତ ଏବଂ ସଞ୍ଜୟ ପ୍ରଧାନଙ୍କୁ ରାମନାଗୁଡା ବ୍ଲକ ସଭାପତି ଭାବେ ନିର୍ବାଚିତ କରାଯାଇଛି। ତେବେ ଜଗନ୍ନାଥପୁର ଏବଂ କୁଜେନ୍ଦ୍ରୀ ମଣ୍ଡଳ ପାଇଁ ସଭାପତି ଚୟନ ହୋଇପାରି ନ ଥିବା ସୂଚନା ମିଳିଛି।

■ଅପରେଶନ ଗ୍ରୀନ ଡାଇମଣ୍ଡର ତୃତୀୟ ଦିନ

# ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଚାଷ ସଫା

ମୁନିଗୁଡା/ଚନ୍ଦ୍ରପୁର, ୨୨।୧୧(ଡି.ଏନ୍.ଏ.)

ପୋଲିସ ଓ ଅବକାରୀ ବିଭାଗର ମିଳିତରେ ଆରମ୍ଭ ହୋଇଥିବା ଅପରେଶେନ ଗ୍ରୀନ ଡାଇମଣ୍ଡର ତୃତୀୟ ଦିନରେ ୮୧ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଶୁକ୍ରବାର ଚନ୍ଦ୍ରପୁର ଥାନା ପଙ୍ଖାଲୋଗୁଡ଼ି ଓ ମୁଣ୍ଡିଗୁଡା ଗ୍ରାମ ନିକଟରେ ବେଆଇନଭାବେ ଚାଷ ହୋଇଥିବା ଗଞ୍ଜେଇ ଚାଷକୁ ପୋଡାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫କୋଟି ୫୫ଲକ୍ଷ ୨୦ହଜାର ଟଙ୍କା ବୋଲି ସୂଚନା ମିଳିଛି। ଚନ୍ଦ୍ରପୁର ଥାନାରେ କେଶ ନମ୍ବର ୨୬ ଏବଂ ଗୁଡାରି ଅବକାରୀ କେଶ୍ ନମ୍ବର ୮୩ ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ମୁନିଗୁଡା ଏସ୍ଡିପିଓ ଚନ୍ଦ୍ରଶେଖର ହୋତା ସୂଚନା ଦେଇଛନ୍ତି। ଏଥିରେ ମୁନିଗୁଡା ଏସ୍ଡିପିଓଙ୍କ ସହ ବିଷମକଟକ,



ଗଞ୍ଜେଇ ଗଛ ପୋଡାଯାଉଛି।

ଗୁଡାରୀ ଅବକାରୀ ଅଧିକାରୀଙ୍କ ସମେତ ୪୦ଜଣ କର୍ମଚାରୀ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ପ୍ରକାଶ ଯେ, ଏହି ଅଭିଯାନ ବୁଧବାର ଚନ୍ଦ୍ରପୁର ଥାନା ଅଧୀନ କୋଟୀଙ୍ଗିଗୁଡା ଓ ଡାବେରି ଅଞ୍ଚଳରୁ ଅରମ୍ଭ ହୋଇଥିଲା। ଉକ୍ତ ଦିନ ୫କୋଟି ଟଙ୍କା ମୂଲ୍ୟରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ଗୁରୁବାର ଜାମ୍ୟଖାଲ ଓ ହନୁମନ୍ତପୁର ଅଞ୍ଚଳରୁ ୫୬ଏକର ଜମିରେ କରାଯାଇଥିବା ୧୦କୋଟି ୭୫ଲ ଟଙ୍କାର ଗଞ୍ଜେଇ ଚାଷ ପୋଡାଯାଇଥିଲା।

### ବସ୍ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍

ଦାରିଙ୍ଗବାଡ଼ି,୨୨।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳକୁ କେରଳରୁ ଫେରୁଥିବା ଜଣେ ଶ୍ରମିକଙ୍କୁ ନିଶାଦେଇ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଲୁଟରେ ଶୀକାର ହୋଇଥିବା ଶ୍ରମିକ ଦାରିଙ୍ଗବାଡ଼ି ଥାନା ସିର୍କାବର୍ଗ ପଞ୍ଚାୟତର ଆଡିନବାଡ଼ି ଗ୍ରାମର ମନୁ ଦିଗାଳ। ତାଙ୍କଠାରୁ ୨୦ ହଜାର ଟଙ୍କାଥିବା ଏକ ବ୍ୟାଗ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏନେଇ ଗୁରୁତର ମନୁଙ୍କ ବଡ଼ଭାଇ ପିଟର ଦାରିଙ୍ଗବାଡ଼ି ଥାନାକୁ ଜଣାଇଥିଲେ। ଆଇଆଇସି କୌଶିକ ମାଝୀ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ମନୁ କେରଳରୁ ଟ୍ରେନରେ ଆସି ଶୁକ୍ରବାର ଭୋର ୩ଟାରେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିଥିଲେ। ୫ଟାରେ ସେଠାରୁ ଏକ ଘରୋଇ ବସ୍ରେ ଦାରିଙ୍ଗବାଡ଼ି ଅଭିମୁଖେ ବାହାରିଥିଲେ। କେହି ଦୁର୍ବୃତ୍ତ ତାଙ୍କୁ ନିଶାଦେଇ ୨୦ ହଜାର ଟଙ୍କା ସହ ବିଭିନ୍ନ ବ୍ୟବହାର ସାମଗ୍ରୀ ଥିବା ବ୍ୟାଗକୁ ଲୁଟି ନେଇଥିଲେ।

### ୩ ବିଦ୍ୟାଳୟ ପରିଦର୍ଶନ କଲେ ଖଇରପୁଟ ବିଇଓ

ଗୋବିନ୍ଦପାଲି,୨୨।୧୧(ଡି.ଏନ.ଏ.)– ଶୁକ୍ରବାର ଖଇରପୁଟ ବିଇଓ ଶଶୀଭୂଷଣ ମିଶ୍ର ଅପହଞ୍ଚ ପାହାଡ ପଥୁରିଆ ଜଙ୍ଗଲ ଅଞ୍ଚଳରେ ଥିବା ମାଡକାପଦର ଓ ବଡ଼ଡରାଲ ପଞ୍ଚାୟତ ଗସ୍ତରେ ଯାଇଥିଲେ। ସେ ଉଭୟ ପଞ୍ଚାୟତରେ ଥିବା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବଡଡୁରାଲ ସିଆରସିସି ରଘୁନାଥ ହାନ୍ତାଳ ଏବଂ ସେ ଚାଲିଚାଲି ଯାଇ ବାଲିକୁଣ୍ଡ, ବାରେଙ୍ଗାବାଡ଼ି ଓ ପୋଡିପଡା ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଖେଳ ମାଧ୍ୟମରେ ପାଠ ମଧ୍ୟ ପଢାଇଥିଲେ। ପିଲାଙ୍କ ଉତ୍ତର ଗୁଡିକରେ ସେ ଖୁସି ହେଇଥିଲେ। ଗ୍ରାମବାସୀ ବିଇଓଙ୍କ ଗସ୍ତରେ ଖୁସି ପ୍ରକାଶ କରି ଏହି ବିଦ୍ୟାଳୟଗୁଡିକରେ ଅଧିକ ଶିକ୍ଷକ ନିଯୁକ୍ତି କରିବାକୁ ବିଇଓ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ବାଲିକୁଣ୍ଡ ରେ ବିଦ୍ୟାଳୟ ଗୃହ ଭାଙ୍ଗିପଡିଥିବାରୁ ବିଇଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

# ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର

ଜେକେପୁର, ୨୨।୧୧

ଇମ୍ଫାର ସାମାଜିକ ଓ ଦାୟିତ୍ୱ ବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ରାୟଗଡ଼ା ରକ୍ତ ଭଣ୍ଡାର ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗୋପବନ୍ଧୁସ୍ଥିତ ଇମ୍ଫା ଏମ୍ପ୍ଲଇଜ କ୍ଲବରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାରଖାନାର ଉପସଭାପତି କେ.ଭି. ରାଓ ଓ ଥେରୁବାଲି ସରପଞ୍ଚ କମଳା ହିକ୍କା ଉଦ୍‌ଘାଟନ କରିଥିଲେ। ଏଥିରେ ଇମ୍ଫାର ଉପସଭାପତିଙ୍କ ସମେତ ଶ୍ରମିକ, କର୍ମଚାରୀ ଓ ଅଞ୍ଚଳବାସୀ ରକ୍ତଦାନ କରିଥିଲେ। ଶିବିରରେ ୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାୟଗଡ଼ା ଡାକ୍ତରଖାନା ରକ୍ତ ଭଣ୍ଡାର ଅଧିକାରୀ ମହମଦ ଅବଦୁଲ ମାଜିଦ ଓ ସହକର୍ମୀ ରକ୍ତ ସଂଗ୍ରହ



ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

କରିଥିଲେ। ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଇମ୍ଫା ଡାକ୍ତରଖାନାର ମୁଖ୍ୟ ପଦାଧିକାରୀ ତଥା ଉପମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ କୁମାର କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଉପମହାପ୍ରବନ୍ଧକ ଅଜୟ କୁମାର ବେହୁରିଆଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରକୁ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ପରିଚାଳକ ଶକ୍ତି ପ୍ରସାଦ ପାଣିଗ୍ରାହୀ ପରିଚାଳନା କରିଥିଲେ। ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଦିଆଯାଉଥିବା ସିଲେଇ ତାଲିମ କେନ୍ଦ୍ରର ଶିକ୍ଷାର୍ଥୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କ ଘରୁ ଟଙ୍କା, ଅଳଙ୍କାର ଲୁଟ

ଟିକିରି, ୨୨।୧୧ (ଡି.ଏନ୍.ଏ.)



ଟିକିରି ଥାନା ଅଧୀନ ଦୁଡୁକାବାହଲ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ କିଛି ଲୋକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ପ୍ରକାଶ ଯେ, ଦୁଡୁକାବାହାଲ ପଞ୍ଚାୟତ ସଦରସ୍ଥିତ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ମହେଶ୍ୱର ସାହୁଙ୍କ ଦୋକାନ ଓ ଘର ରହିଛି। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶି ଦୋକାନରେ ଥିବା ପଚାଶ ହଜାର ନେଇଯାଇଥିଲେ। ଏଥିସହ ଘରେ ଥିବା ଆଲମାରିରୁ ପ୍ରାୟ ସାତ ତୋଳା ସୁନା ଅଳଙ୍କାର ଚୋରି କରିନେଇଥିବା ମହେଶ୍ୱର କହିଛନ୍ତି। ଟିକିରି ପୋଲିସ ସନ୍ଧାନୀ କୁକୁର ନେଇ ତଦନ୍ତ କରୁଛି।

■କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକ

# ରବି ଫସଲ, କପା ବିକ୍ରି ପରିଚାଳନା ନେଇ ଆଲୋଚନା

ରାୟଗଡ଼ା ଅଫିସ, ୨୨।୧୧

ଜିଲାସ୍ତରୀୟ କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଣୁପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ରଥ, ପ୍ରମୋଦ କୁମାର ସାହୁ , ଡ଼େପୁଟି ଡ଼ାଇରେକ୍ଟର ଅଫ ହର୍ଟିକଲ୍‌ଚର ଜଗନ୍ନାଥ ବିଦ୍ଧାଣୀ, ଜାମି ସୁରୟା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ରବି ଫସଲ ସମୟରେ କିଭଳି ଅଧିକ ଅମଳ କରିପାରିବେ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସେ ନେଇ ଆଲୋଚନା ହୋଇଥିଲା। ରୋଗପୋକ ନିୟନ୍ତ୍ରଣ ବିଷୟରେ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଖରାଦିନରେ ପନିପରିବା, ଧାନ, ସୂର୍ଯ୍ୟମୁଖୀ, ବିରି, ମୁଗ, ଚାଷର ଟାର୍ଗେଟ ରଖାଯାଇଛି ବୋଲି ଅଧିକାରୀମାନେ କହିଥିଲେ। କୃଷି ବିଭାଗ ଡ଼ିପିଡ଼ି ସୁମନ ସିଂ ଏବଂ ବରିଷ୍ଠ କିରାଣୀ ସନ୍ତୋଷ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ଜିଲାସ୍ତରୀୟ କପା ବିକ୍ରି ପରିଚାଳନା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

# ଜିଲାପାଳଙ୍କ ଅଫିସ ଘେରିଲା କଂଗ୍ରେସ

ରାୟଗଡ଼ା ଅଫିସ ,୨୨।୧୧

ରାୟଗଡ଼ା ଜିଲା କଂଗ୍ରେସ କମିଟି ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ଘେରାଉ କରିଛି। ଶାସକ ଦଳ ଜନମାରଣା ଓ ଶ୍ରମିକ ମାରଣା ନୀତି ଅବଲମ୍ବନ କରୁଛି। ଏଥିସହ ଦିନକୁ ଦିନ ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା ଓ ଆର୍ଥିକ ମାନ୍ଦାବସ୍ଥା ଭଳି ସଙ୍କଟ ଦେଖାଦେଉଛି ବୋଲ କଂଗ୍ରେସ ଅଭିଯୋଗ କରିଛି। ଏ ନେଇ ଦଳ ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଦିଆଯାଇଛି। ରାୟଗଡ଼ାରେ ଡ଼ାକ୍ତର ଅଭାବ, ଅନେକ ଗ୍ରାମକୁ ରାସ୍ତା ନଥିବା, ପରିବା ଦର ଆକାଶ ଛୁଆଁ ହେଉଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ




ଶୋଭାଯାତ୍ରାରେ ବାହାରିଥିବା କଂଗ୍ରେସ କର୍ମୀମାନେ।

ରହିଛି। ଜିଲାରେ ଥିବା ଶିଳ୍ପାନୁଷ୍ଠାନରେ ଜିଲା ଭିତ୍ତିକ ଆଗ୍ରାଧିକାର ଭିତିରେ ନିଯୁକ୍ତି, ରାୟଗଡ଼ାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

**ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବି**

ସେହିଭଳି ଝୁଲାପୋଲ ପରିଦର୍ଶନରେ ଆସୁଥିବା ଯାତ୍ରୀଙ୍କ ସୁରକ୍ଷା, ବନ୍ୟା ପୀଡିତ ଲୋକଙ୍କୁ ସହାୟତା ଦେବାକୁ ଦଳ ପକ୍ଷରୁ ଦାବି ହୋଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ସମସ୍ୟା ରତ୍ନମଣୀ ଉଲକା, ରାଜ୍ୟ ସାଧାରଣ ସମ୍ପାଦକ ଆପଲ ସ୍ୱାମୀ କାଡ୍ରାକାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।